ଧରିତ୍ରୀ
DHARITRI
March19-25, 2023 ₹ 2/-



# ତଥାପି ସକ୍ଷମ

ଦିବ୍ୟାଙ୍ଗ ହେଲେ ବି
ଏମାନେ ନୁହନ୍ତି କାହାଠାରୁ
କମ୍। ହାତ ସିନା ନାହିଁ, ହେଲେ
ଗୋଡ଼କୁ ସେମାନେ ହାତ ସଜାଇ
କରିପାରନ୍ତି ସବୁ କିଛି। ଏମିତିକି
ସୁସ୍ଥ ମଣିଷଙ୍କଠାରୁ ବି ଏମାନେ
ଦୁଇ ପାଦ ଆଗରେ..



ପ୍ରଚ୍ଛଦ ପ୍ରସଙ୍ଗ

୩

## ଘରର ବାଲ୍‌କୋନି ପାଇଁ

# ବାସ୍ତୁ

**ବାଲ୍‌କୋନି ହେଉଛି ଘରର ଏମିତି ଏକ ସ୍ଥାନ, ଯେଉଁଠାରେ ଟିକେ ବସି ବାହାରର ଦୃଶ୍ୟ ଦେଖିଦେଲେ ମନକୁ ବେଶ୍ ହାଲ୍‌କା ଲାଗେ। ତେବେ ଏହି ବାଲ୍‌କୋନିକୁ ନେଇ ମଧ୍ୟ ରହିଛି କେତୋଟି ନିୟମ; ଯାହାକୁ ମାନିଲେ ସୁଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି...**

* ଘରର ଉତ୍ତର-ପୂର୍ବ ଦିଗରେ ବାଲ୍‌କୋନି ରହିବା ସବୁଠାରୁ ଉତ୍ତମ। କାରଣ ଏହି ଦିଗରେ ସୂର୍ଯ୍ୟଙ୍କର ସବୁଠୁ ଅଧିକ ପ୍ରକାଶ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ।

* ଉତ୍ତର ଦିଗରେ ମଧ୍ୟ ବାଲ୍‌କୋନି ରଖିପାରିବେ। କିନ୍ତୁ ଦକ୍ଷିଣ ଓ ପଶ୍ଚିମ ଦିଗରେ ବାଲ୍‌କୋନି



ରହିବା ଆଦୌ ଶୁଭପ୍ରଦ ନୁହେଁ।

* ବାଲ୍‌କୋନିର ଚଟାଣକୁ ଘରର ଚଟାଣ ସାଙ୍ଗେ ସମାନ ନ କରି ଟିକେ ତଳକୁ କରିବା ଉତ୍ତମ।

* ବାଲ୍‌କୋନିରେ ହାଲ୍‌କା ଓଜନର ଫର୍ନିଚର ପକାଇବା ଭଲ। ଏଥିପାଇଁ ବେତର ଫର୍ନିଚର ହେଉ ଅବା ବିନ୍ ବ୍ୟାଗ୍ ବେଷ୍ଟ ଅପ୍ସନ।

* ବାଲ୍‌କୋନିରେ ଝୁଲା ଲଗାଇବା ପାଇଁ ଉତ୍ତର କିମ୍ବା ଦକ୍ଷିଣ ଦିଗ ହେଉଛି ସବୁଠୁ ଉତ୍ତମ।

* ଧ୍ୟାନଦେବେ, ବାଲ୍‌କୋନି ଛାତର ଉଚ୍ଚତା ଯେମିତି ଘରର ଉଚ୍ଚତାଠାରୁ ଟିକେ ତଳକୁ ରହୁଥିବ।

* ବାଲ୍‌କୋନିରେ ଛୋଟ ଛୋଟ ଗଛ ଲଗାଇବା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। କିନ୍ତୁ ଏଠାରେ ଲତା ଜାତୀୟ ଗଛ ଲଗାଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଘରକୁ ନକାରାତ୍ମକ ଶକ୍ତିର ପ୍ରବେଶ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ବାଲ୍‌କୋନି କବାଟର ରଙ୍ଗ ଯେତେ ହାଲ୍‌କା ହେବ ସେତେ ଭଲ। ଧଳା, ହାଲ୍‌କା ସବୁଜ, ହାଲ୍‌କା ନୀଳ, ଗୋଲାପୀ ରଙ୍ଗ ଏଥିପାଇଁ ବେଷ୍ଟ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର | ମାର୍ଚ୍ଚ ୧୯-୨୫

**ମେଷ** - ନୂଆ ଯୋଜନାର ପରିକଳ୍ପନା, ବନ୍ଧୁଙ୍କ ସହାୟତା, ବ୍ୟସ୍ତତା ବୃଦ୍ଧି, ସାମାଜିକ ସମ୍ମାନ, ଭ୍ରମଣ ସୁଯୋଗ, ଆନୁଷ୍ଠାନିକ କାର୍ଯ୍ୟ, ନୂତନ ମିତ୍ରତା, ବାଣିଜ୍ୟରେ ପ୍ରତିବନ୍ଧକ, କଳାରେ ସମ୍ମାନ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ॥

**ବୃଷ** - ଦୂରଯାତ୍ରା, ଆର୍ଥିକ ଅଭିବୃଦ୍ଧି, ଦୁଃସାହସିକ ପଦକ୍ଷେପ, ବନ୍ଧୁଙ୍କ ସମାଲୋଚନା, ଆତ୍ମୀୟଙ୍କ ଅସହଯୋଗ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାତ୍ରାରେ ସଫଳତା, ସମସ୍ୟା ସମାଧାନ, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସାମାଜିକ ପ୍ରତିଷ୍ଠା ॥

**ମିଥୁନ** - କର୍ମକ୍ଷେତ୍ରରେ ସମସ୍ୟା, ପଡୋଶୀଙ୍କ ସମାଲୋଚନା, ପାରିବାରିକ ସୌଖ୍ୟ, କଠିନ ପରିଶ୍ରମ, ବନ୍ଧୁଙ୍କ ସାହାଯ୍ୟ, ପ୍ରତିଯୋଗୀତାରେ ସଫଳତା, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ବିଦେଶଯାତ୍ରାର ସୁଯୋଗ ॥

**କର୍କଟ** - ପ୍ରତୀକ୍ଷିତ ଖବର ପାଇବେ, ବ୍ୟବସାୟରେ ଲାଭ, ଭ୍ରାତୃସମ୍ପର୍କ ହ୍ରାସ, ଅତିଥିଚର୍ଚ୍ଚା, ବୁଦ୍ଧିଜୀବୀଙ୍କ ପ୍ରଶଂସା, ଉଚ୍ଚଶିକ୍ଷାପ୍ରତି ଆଗ୍ରହ, ଭ୍ରମଣ ପ୍ରିୟ ହେବେ, ମାନସିକ ଅବସାଦ, ଆର୍ଥିକ ଦୁରାବସ୍ଥା ॥

**ସିଂହ** - ଉଚ୍ଚଚିନ୍ତା, ଅର୍ଥଦ୍ରବ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ସମାଲୋଚିତ ହେବେ, ସମ୍ପର୍କ ବୃଦ୍ଧି ପାଇବ, ପୁଷ୍ଟ ପୋଷକତା ହରାଇବେ, ପରିସ୍ଥିତିର ତାଡ଼ନା, ଧର୍ମକାର୍ଯ୍ୟରେ ସମସ୍ୟା, ଭ୍ରମଣ ସୁଯୋଗ, କଳାକ୍ରୀଡ଼ାରେ ସମ୍ମାନ, କାର୍ଯ୍ୟସିଦ୍ଧି ॥

**କନ୍ୟା** - ନିରୁତ୍ସାହିତ ରହିବେ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଋଣଗ୍ରସ୍ତ ହେବେ, ସନ୍ତାନଙ୍କ କୃତିତ୍ୱ, ସଙ୍ଗୀତ ସମାରୋହ, ବନ୍ଧୁଙ୍କ ପ୍ରେରଣା, ମାନସିକ ଶାନ୍ତି, ବ୍ୟବସାୟରେ ଉନ୍ନତି, ଜମିଜମା କ୍ରୟବିକ୍ରୟ, ଯୋଗଶିକ୍ଷାରେ ରୁଚି ॥

**ତୁଳା** - ଯାତ୍ରାରେ ଲକ୍ଷ୍ୟପୂରଣ, ସ୍ୱାସ୍ଥ୍ୟସମସ୍ୟା ଦୂରହେବ, କାର୍ଯ୍ୟହାନୀ, ବିବାଦୀୟ ପରିସ୍ଥିତି, ପାରିବାରିକ ଝଞ୍ଜାଳ, ସାହାଯ୍ୟ ପାଇବେ, ବାଣିଜ୍ୟର ଅଭିବୃଦ୍ଧି, ଉପରିସ୍ଥଙ୍କ ଅନୁକମ୍ପା, ପଡୋଶୀଙ୍କ କଳହ, ଋଣ ପରିଶୋଧ, ବୃତ୍ତିରେ ସଫଳତା ॥

**ବିଛା** - ମାନସିକ ଅସ୍ଥିରତା, ଶାରୀରିକ ଅସୁସ୍ଥି, ପରିବାରରେ ଝଡ, ବନ୍ଧୁ ସାହାଯ୍ୟ କରିବେ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ବନ୍ଧୁଙ୍କ ଆଦର, ଅଶୌଚ ଖବରପ୍ରାପ୍ତି, ସାମୟିକ ମନ ଦୁଃଖ, ପରିସ୍ଥିତି ହାଲୁକା ହେବ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି ॥

**ଧନୁ** - କାର୍ଯ୍ୟରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣ ତ୍ୱରାନ୍ୱିତ ହେବ, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଖୋଜୁଥିବା ଜିନିଷ ପାଇବେ, ଭୁଲ କାମ କରିପାରନ୍ତି, ଶାରୀରିକ ପୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**ମକର** - ସ୍ୱାସ୍ଥ୍ୟହାନୀ, ଆର୍ଥିକ ଦୁରାବସ୍ଥା, ସଭାସମିତିକୁ ନିମନ୍ତ୍ରଣ, ପରିବହନରେ କ୍ଷତି, ସାମ୍ବାଦିକତାରୁ ଗୌରବ, ଖର୍ଚ୍ଚ ପରିମାଣ ବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପରିସ୍ଥିତି ବଦଳିବ, ଭ୍ରାତୃସମ୍ପର୍କରେ ଉନ୍ନତି, ଶୁଭ ଖବରପ୍ରାପ୍ତି ॥

**କୁମ୍ଭ** - ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ରଶଂସିତ ହେବେ, ବାଣିଜ୍ୟରେ ପ୍ରତିବନ୍ଧକ, ଅର୍ଥ ସମ୍ମାନ ପାଇବେ, ସମସ୍ୟା ସୁଧାରି ନେବେ, ଅସୁବିଧାରେ ପଡିପାରନ୍ତି, କାର୍ଯ୍ୟହାନି ଘଟିବ, ବନ୍ଧୁଙ୍କ ସହାୟତା, ମନୋବଳ ବୃଦ୍ଧି, ବିବାଦୀୟ ହୋଇପାରନ୍ତି।

**ମୀନ** - ଶାରୀରିକ ପୀଡ଼ା, ଅତୀତ ଅନୁଚିନ୍ତା, ପାରିବାରିକ କଳହ, ମନ ଆନ୍ଦୋଳିତ ରହିବ, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବରପ୍ରାପ୍ତି, ଆମୋଦପ୍ରମୋଦର ମଉଜ, ସାଥୀ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ ॥

# ଖରାଦିନ ପାଇଁ ଦହି

**ଖ**ରାଦିନ ଆସିଲେ ଆମେ ସମସ୍ତେ ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟ ସେବନ କରିବା ଆରମ୍ଭ କରିଦେଉ; ଯଦ୍ୱାରା ଆମ ଶରୀରକୁ ଶୀତଳତା ମିଳିଥାଏ। ଯେମିତିକି ତରଭୁଜ, ଖରଭୁଜ, ଲେମ୍ବୁପାଣି, ଲସି, ଆମ୍ବ ପଣା, ଦହି ସରବତ୍ ଇତ୍ୟାଦି। ତେବେ ଏକ ସର୍ବେକ୍ଷଣ ଅନୁଯାୟୀ, ଖରାଦିନେ ଯଦି ପ୍ରତ୍ୟେହ କିଛିକିଛି ଦହି ଖିଆଯାଏ, ତା'ହେଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କାରଣ ଏଥିରେ ରହିଛି ଏମିତି କିଛି ଗୁଣକାରୀ ତତ୍ତ୍ୱ; ଯାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ୍ କରିବା ସଙ୍ଗେସଙ୍ଗେ ଆମ ସ୍ୱାସ୍ଥ୍ୟକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଦାନ୍ତ ଓ ହାଡ଼ ପାଇଁ ବି ଦହି ଖାଇବା ଉତ୍ତମ। ଶରୀରରେ କୋଲେଷ୍ଟ୍ରୋଲର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ବି ଦହି ସାହାଯ୍ୟ କରେ। ତେଣୁ ଯେଉଁମାନେ ଓଜନ କମାଇବା ପାଇଁ ଚାହୁଁଥାନ୍ତି, ତାଙ୍କ ପାଇଁ ଦହିର ସେବନ ଭଲ ପରିଣାମ ଦେଇଥାଏ। ଏଥିସହିତ ଖରାଦିନେ ଦହି ଖାଇବା ଦ୍ୱାରା



ପେଟ ଥଣ୍ଡା ରହିବା ସହ ହଜମ ଶକ୍ତି ବୃଦ୍ଧି ପାଇଥାଏ। ଖରାଦିନେ ପ୍ରଚୁର ଗରମ ଯୋଗୁ ଶରୀରରୁ ଜଳୀୟ ଅଂଶ କମିଯାଇ ଆମକୁ ଥକ୍କା ଲାଗିଥାଏ। ଏ କ୍ଷେତ୍ରରେ ଯଦି ପ୍ରତିଦିନ ଦହି ସରବତ୍ କିମ୍ବା ଦହି ପଖାଳ ଖିଆଯାଏ, ତା'ହେଲେ ଶରୀରରେ ଜଳୀୟ ଅଂଶ ନିୟନ୍ତ୍ରଣରେ ରହିବା ସହ ଆମକୁ ତାଜା ଅନୁଭବ ହୋଇଥାଏ।

# ପାଠକୀୟ

■ପାରିବି ନାହିଁର ଶବ୍ଦ ନଥିଲା ଏମାନଙ୍କ ଶବ୍ଦ କୋଷରେ। ସବୁ ପ୍ରତିକୂଳ ପରିସ୍ଥିତିକୁ କେମିତି ଅନୁକୂଳ ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରେ ସେ ରାସ୍ତା ଏମାନଙ୍କୁ ବେଶ୍ ଜଣାଥିଲା। ଜାଣିଥିଲେ ଆଉ ଦୁନିଆକୁ ଜଣେଇ ବି ଦେଲେ ଯେ ଏମିତି କିଛି ରାସ୍ତା ନାହିଁ କି, ଏମିତି କିଛି କାମ ନାହିଁ ଯାହା ନାରୀଙ୍କ ପକ୍ଷେ ଅଗମ୍ୟ ଆଉ ଅସମ୍ଭବ। ତେଣୁ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱୟଂସିଦ୍ଧା' ଏକ ମନଛୁଆଁ ଆଲେଖ୍ୟ ଥିଲା। 'ହୋଲିରେ କ'ଣ କଲେ ଶୁଭ', 'ଖୁସି ଆଣେ ହୋଲିର ରଙ୍ଗ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରେଖାରାଣୀ ତ୍ରିପାଠୀ, ବାରଙ୍ଗ, କଟକ*

■ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱୟଂସିଦ୍ଧା' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ନୋଜ୍ ରିଂ' ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ନାଟ୍ୟକାର, ପ୍ରାବନ୍ଧିକ, ଅନୁବାଦକ, ସ୍ତମ୍ଭକାର ଓ ଶିଶୁ ସାହିତ୍ୟର ରଚୟିତା ସଂଘମିତ୍ରା ମିଶ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ଅଳକାନନ୍ଦା ସାହୁ, ପିପିଲି, ପୁରୀ*

■ସୃଜନ ପୃଷ୍ଠାରେ ସ୍ଥାନିତ 'ଜୀବନ ରଙ୍ଗ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଦେବୀ ଓ ନାରୀ' ଏବଂ 'ରଙ୍ଗ ଖେଳ' ଶୀର୍ଷକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଗ୍ରୀନ୍‌ଗ୍ରୀନ୍ ଅନନ୍ୟା', 'ବଲିଉଡ୍ ହିଁ ବେଷ୍ଟ', 'ଭିନ୍ନ ଥିଲା ସ୍ୱପ୍ନ', 'ଏଥର ଲେଖାଲେଖି' ଓ 'ସମୟାନୁବର୍ତ୍ତୀ ବରୁଣ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ହୋଇଥିଲା।

*– ପିୟୂଷ ବାରିକ, ଝାରପଡ଼ା, ଭୁବନେଶ୍ୱର*

■ରେଡ଼ିଓ ଉପସ୍ଥାପିକା ଜୟଶ୍ରୀ ମୁଦ୍ରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମନଛୁଆଁ ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଥିଲା। 'ଭିନ୍ନ ଏମାନଙ୍କ ରଙ୍ଗ' ବିଷୟଟି ସତରେ ଏକ ଅଜବ ଆଲେଖ୍ୟ ଥିଲା ପଢିବାକୁ। ମଡେଲ୍ ମିରର୍‌ରେ ପ୍ରତୀକ୍ଷା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। 'ହୋଲିରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଥାଏ, ତାହା ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା।

*– ପ୍ରଭାରାଣୀ ସ୍ୱାଇଁ, ଆଳି, କେନ୍ଦ୍ରାପଡ଼ା*

■'କଲ୍ ଉଠାଇଲେ କାହିଁକି କୁହାଯାଏ 'ହେଲୋ'', 'ଘରେ ପାଳିଛନ୍ତି ୫୦ ମୂଷା', 'ମାସ୍କ ପିନ୍ଧି ଇଣ୍ଟରଭ୍ୟୁ', 'ଚତୁର ଘୁଷୁରି', 'ଏୟାର ବ୍ୟାଗ୍ ଜିନ୍ସ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ସେହିପରି ଏଥରର ବ୍ୟଙ୍ଗ 'ଲିଟ୍ ଫେଷ୍ଟର ଅନ୍ତରାଳେ'ଟି ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା।

*– ଅନୁସୂୟା ନାଥ, ସେକ୍ଟର-୧, ରାଉରକେଲା*

## ବିଶେଷ ଚିଠି




ସ୍ୱୟଂସିଦ୍ଧା ଥିଲା ଏଥରର ପ୍ରଚ୍ଛଦ,
କଲା କିମିଆ ସେ ମନେ ଭରିଲା ଆନନ୍ଦ।
ତା'ସାଙ୍ଗକୁ ପୁଣି ସହର ଓ ସୃଜନ,
ସିନେମାର କାହାଣୀ ବି ଜିଣିଥିଲା ମନ।
ହେ ମୋର ପ୍ରିୟ ଛୁଟିଦିନ,
ତୁମ ତୁଲ୍ୟ ଆଉ କେହି ନୁହେଁ ସମାନ।

*–ସନ୍ଧ୍ୟାରାଣୀ ଦାଶ, ଯାଜପୁର ଟାଉନ, ଯାଜପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ତଥାପି ସକ୍ଷମ

କେବଳ ଯେ ଜଣେ ସୁସ୍ଥସବଳ ଶରୀରଧାରୀ ମଣିଷ ସଫଳ ହୋଇପାରିବ, ଆଗକୁ ବଢ଼ିପାରିବ ତାହା ନୁହେଁ। ବେଳେବେଳେ ହାତ, ଗୋଡ ନ ଥିବା ମଣିଷ ବି ଏମିତି କିଛି କରି ଦେଖାଏ ଯାହା ସୁସ୍ଥ ମଣିଷ ପକ୍ଷେ ସମ୍ଭବ ହୁଏନା। ଠିକ ଯେମିତି ଏଇ ହାତ ନ ଥିବା ମଣିଷମାନେ। ହାତ ସିନା ନାହିଁ ହେଲେ ଏମାନେ ନୁହନ୍ତି କାହାଠାରୁ କମ୍...

**ଗୌତମ:** ଜନ୍ମରୁ ତାଙ୍କର ହାତ ନାହିଁ କିନ୍ତୁ ଅଦମ୍ୟ ଇଚ୍ଛା ଶକ୍ତି ବଳରେ ସେ ସବୁ କାମକୁ ଖୁବ୍ ସହଜରେ କରିପାରନ୍ତି। ସେ ହେଲେ ଗୌତମ ବେହେରା। ପିତା ସଞ୍ଜୟ ବେହେରା, ମାତା ଜାହ୍ନବୀ ଦେବୀ। ଘର ବାଲେଶ୍ୱର ଜିଲାର ବାଲିଆପାଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ନେହୁରା ଗାଁରେ। ଗୌତମ କୁହନ୍ତି- ଜନ୍ମରୁ ଦୁଇଟି ଯାକ ହାତ ନାହିଁ। ଯେତେବେଳେ ୪ବର୍ଷର ହୋଇଥିଲି ସେତେବେଳେ ପ୍ରଥମେ ଘୋଷାଡ଼ି ହୋଇ ଦୁଇଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଥିଲି। ଏମିତି ଅଭ୍ୟାସ କରୁ କରୁ ଦୁଇଟି ଯାକ ଗୋଡ଼ ଧୀରେ ଧୀରେ ସକ୍ରିୟ ହେବାକୁ ଲାଗିଲା। ଚଲାବୁଲା କରିବାକୁ ସକ୍ଷମ ହୋଇପାରିଲି। ମୋ ବାପା ଜଣେ ପ୍ରାଥମିକ ସ୍କୁଲ ଶିକ୍ଷକ, ମା' ଜଣେ ଗୃହିଣୀ। ମା' ବାପା ମତେ ଶ୍ରଦ୍ଧାରେ ଜଗନ ବୋଲି ଡାକନ୍ତି। ବାପାଙ୍କର ଇଚ୍ଛା ଥିଲା ମୁଁ ବହୁତ ପାଠ ପଢେ। ସେଥିପାଇଁ ସେ ମତେ ଗୋଡ଼ଆଙ୍ଗୁଠି ସନ୍ଧିରେ ଚକଖଡ଼ି ରଖି ଘରଚଟାଣରେ ଗାରଟାଣିବା ଓ କିଛି ଲେଖିବା ଅଭ୍ୟାସ କରାଇଥିଲେ। ସମୟକ୍ରମେ ଧୀରେ ଧୀରେ ଆଙ୍ଗୁଠି ଦ୍ୱାରା ଲେଖିବା ଅଭ୍ୟାସ ହୋଇଗଲା। ତା ପରେ ଖାଲମୁହାଣି ସ୍କୁଲରେ ୧ମରୁ ୭ମ ଯାଏ, ଶ୍ରୀରାମପୁର ଉଚ୍ଚବିଦ୍ୟାଳୟରେ ଅଷ୍ଟମରୁ ୧୦ମ ଯାଏ ପଢିଲି। ସ୍କୁଲ ବୟସରୁ ପେନ୍‌ସିଲରେ ଭଲ ଚିତ୍ର ଅଙ୍କିବା ସହ ଗୀତ ଗାଇବାକୁ ଭଲ ପାଉଥିଲି। ଏଥିପାଇଁ ଅନ୍ୟମାନେ ବି ମତେ ଉତ୍ସାହିତ କରୁଥିଲେ। ମାଟ୍ରିକରେ ଶତକଡ଼ା ୮୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲି। ପାଠପଢା ସହିତ ଦୁଇ ଗୋଡ଼ ସାହାଯ୍ୟରେ ମୋବାଇଲ୍, ଲାପଟପ୍, କମ୍ପ୍ୟୁଟର ପରି ଗ୍ୟାଜେଟ ଚଳାଇବାରେ କିଛି ଅସୁବିଧା ହୁଏନା, ବରଂ ମଜାଲାଗେ। କ୍ୟାରମ, ଫୁଟବଲ ବି ଖେଳିପାରୁଛି। ଖାଲି ଯାହା ନିଜର ପୋଷାକପତ୍ର ପିନ୍ଧିବାରେ ଟିକେ ଅସୁବିଧା ହେଉଛି। ମୋର ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ଅନେକ ପୁରସ୍କାର ମିଳିଛି, ଯାହା ମତେ ବେଶ୍ ଖୁସି ଦିଏ। ଏହିସବୁ ପାଇଁ ମୁଁ ନିଜକୁ କେବେ ଅକ୍ଷମ ଭାବେନା। କାରଣ ଅନ୍ୟ ସାଧାରଣ ଲୋକଙ୍କ ପରି ମୁଁ ବି ବେଶ୍ ସହଜରେ ଅନେକ କାର୍ଯ୍ୟ କରିପାରୁଛି। ଭଗବାନ ମତେ ଜଣେ ମଣିଷଭାବେ ସଂସାରକୁ ଆଣିଛନ୍ତି। ଏଥିରେ ମୁଁ ବହୁତ ଖୁସୀ। ଏବେ ମୁଁ ହାଇଦ୍ରାବାଦର ଇଂଲିଶ ଆଣ୍ଡ ଫରେନ ଲାଙ୍ଗୁଏଜ୍ ୟୁନିଭର୍ସିଟିରେ ଇଂରାଜୀଭାଷାରେ ମାଷ୍ଟର ଡ଼ିଗ୍ରୀ କରୁଛି। ମା'ବାପାଙ୍କ ଆଶୀର୍ବାଦ ମତେ ସର୍ବଦା ଜଣେ ସକ୍ଷମଙ୍କ ପରି ସାହସ ଦେଇ ଆସିଛି ଓ ଏବେ ବି ଦେଉଛି।



ଉର୍ବଶୀ

**ଉର୍ବଶୀ:**ତାଙ୍କର ହାତ ଅଛି କିନ୍ତୁ ଅନ୍ୟମାନଙ୍କ ହାତ ପରି ତାହା ସକ୍ରିୟ ନୁହେଁ। ସେଥିପାଇଁ ଯେଉଁକାମ ହାତରେ କରିବା କଥା ସେହି କାର୍ଯ୍ୟକୁ ସେ ଗୋଡ଼ରେ କରିଥାନ୍ତି। ସେ ହେଲେ ଉର୍ବଶୀ ଦାସ, ବୟସ ପ୍ରାୟ ୪୫ ଟପିଲାଣି। ମାତା ପାର୍ବତୀ ଦେବୀ, ପିତା ରାମଚନ୍ଦ୍ର ଦାସ। ଘର କେନ୍ଦ୍ରାପଡ଼ା ଜିଲାର ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମରେ। ସେ କୁହନ୍ତି, 'ଜନ୍ମରୁ ମୋର ଦୁଇହାତ ଥାଇ ବି ନ ଥିଲାପରି। କାରଣ ତାହା କାମ କରେନା। ଏଥିପାଇଁ ମୁଁ ଗୋଡ଼ରେ ହାତର ଅଭାବକୁ ପୂରଣ କରିବାକୁ ପ୍ରୟାସ କଲି। ପ୍ରଥମେ ପ୍ରଥମେ ଏହି ସ୍ଥିତି ପାଇଁ ଟିକେ ଦୁଃଖ ଲାଗୁଥିଲା କିନ୍ତୁ ସମୟକ୍ରମେ ସେସବୁ ଅଭ୍ୟାସରେ ପରିଣତ ହୋଇଗଲା। ଏବେ ମୁଁ ହାତରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ଗୋଡ଼ରେ କରିପାରୁଛି। ବିଶେଷ ଅସୁବିଧା ବି ହେଉନି। ଗୋଡ଼ ଦ୍ୱାରା କୁଲାରେ ଚାଉଳ ପାଛୋଡ଼ିବା ଠାରୁ ଆରମ୍ଭ କରି ଲୁଗା ସଫାକରିବା, ରୋଷେଇ କରିବା, ଘର ଓଳେଇବା, ସଜବାଜହେବା, ଲେଖିବା, ପନିପରିବା କାଟିବା ଆଦି ବିଭିନ୍ନ କାମକୁ ସହଜରେ କରିପାରୁଛି। ୧୯୮୭ ମସିହାରେ ମୁଁ ୧୦ମ ଶ୍ରେଣୀ ପାସ୍ କରିଥିଲି। ପରେ ଯୁକ୍ତ ୨ ପଢିଲି। ୧୯୯୪ରେ ରାଷ୍ଟ୍ରୀୟ ଭାଷା ପରିଷଦ ଦ୍ୱାରା ପରିଚାଳିତ ହିନ୍ଦୀରେ ଶାସ୍ତ୍ରୀ ପାସ୍ କଲି। ଏହା ସହିତ ଓଡ଼ିଆ ଓ ଇଂରାଜୀରେ ଟାଇପ କରିବା ମଧ୍ୟ ଶିଖିଛି। କେବଳ ସେତିକି ନୁହେଁ, ରାଉରକେଲା ନ୍ୟାଶନାଲ ମ୍ୟୁଜିକ୍ ଆସୋସିଏଶନ ଦ୍ୱାରା ଭୋକାଲ କ୍ଲାସିକାଲରେ ପ୍ରଥମ ଶ୍ରେଣୀରେ ପାସ୍ ହୋଇଛି। ଗୀତଗାଇବା ସହ ଗୋଡ଼ରେ ହାରମୋନିୟମ ବଜାଇ ବି ପାରୁଛି। ତା'ସହ ଘରର ଦାୟିତ୍ୱ

→

ଦିବ୍ୟାଙ୍ଗ ହେଲେ ବି ଏମାନେ ନୁହନ୍ତି କାହାଠାରୁ କମ୍। ହାତ ସିନା ନାହିଁ, ହେଲେ ଗୋଡ଼କୁ ସେମାନେ ହାତ ସଜାଇ କରିପାରନ୍ତି ସବୁ କିଛି। ଏମିତିକି ସୁସ୍ଥ ମଣିଷଙ୍କଠାରୁ ବି ଏମାନେ ଦୁଇ ପାଦ ଆଗରେ..



ତୁଲାଇ ପାରୁଛି। କିନ୍ତୁ ପୋଷାକପତ୍ର ପିନ୍ଧିବାରେ ଟିକେ ଅସୁବିଧା ହୁଏ। ମୋ ପାଖରେ ମୋର ୮୫ ବର୍ଷୀୟା ବୃଦ୍ଧା ରହୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ବିଶେଷ ସ୍ୱଚ୍ଛଳ ନ ଥିବାରୁ କଳସପୁର ଗ୍ରାମର ଏକ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଛି। ଏଠାରେ ପିଲାମାନଙ୍କୁ ପଢାଇବା ସହ ନାଚ, ଗୀତ ଶିଖାଉଛି। ଯେତେବେଳେ ମୋତେ ୬ବର୍ଷ ବୟସ ହୋଇଥିଲା ସେତେବେଳେ ମୋର ଅନ୍ୟଭଉଣୀମାନେ ସ୍କୁଲରେ ଯାଇ ପଢୁଥିଲେ ମୁଁ ସେମାନଙ୍କୁ ଲୁଚିଲୁଚି ଦେଖୁଥିଲି। ଘରେ ସେମାନେ ପଢିବାବେଳେ ଯେତେବେଳେ ଲେଖାଲେଖି କରୁଥିଲେ ମୁଁ ତାଙ୍କୁ ଦେଖି ଦେଖି ଗୋଡ଼ରେ ଲେଖିବା ଅଭ୍ୟାସ କରିବାକୁ ଲାଗିଲି। ଧିରେ ଧିରେ ଗୋଡରେ ଲେଖିବାରେ ସଫଳ ବି ହେଲି। ପିଲାଦିନେ ବୋଉ କହୁଥିଲା ନିଜ ଉପରେ ଦୃଢ଼ ବିଶ୍ୱାସ ରଖିଲେ ସବୁ ଅସମ୍ଭବ ସମ୍ଭବ ହେଇପାରିବ। ତା'ର ସେଇ କଥା ଆଜି ବି ମତେ ପ୍ରେରଣା ଦେଉଛି। ଆଉ ଆଜି ମୁଁ କାହାରି ଉପରେ ନିର୍ଭରଶୀଳ ନ ହୋଇ ନିଜ ଆତ୍ମବିଶ୍ୱାସ ବଳରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି। ବିଭିନ୍ନ ଅନୁଷ୍ଠାନ ତରଫରୁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ବି ମିଳିଛି। ୧୯୯୬ ମସିହା, ଉତ୍କଳ ଦିବସ ଦିନ ରାଜ୍ୟସ୍ତରୀୟ ରେଡକ୍ରସ ଶିବିର ପାଳନ ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହେଇଥିଲି। ତା'ସହ ରାଜ୍ୟସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛି। ୧୯୯୭ରେ ଭଦ୍ରକଠାରେ କବି ପଦ୍ମନାଭ ସ୍ମୃତି ସମିତି ଦ୍ୱାରା ସମ୍ମାନିତ ହୋଇଛି। ୨୦୧୧ରେ କେନ୍ଦ୍ରାପଡ଼ା ଜିଲାରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗାଁ କଲ୍ୟାଣ ସମିତି ତରଫରୁ ପୁରସ୍କୃତ ହୋଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମହିଳା ସମବାୟ ନିଗମ ତରଫରୁ ମହିଳାଙ୍କ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ମାନିତ ହୋଇଥିଲି। କାହା ଉପରେ ନିର୍ଭରଶୀଳ ନ ହୋଇ ନିଜ କାର୍ଯ୍ୟକୁ ନିଜେ କରିବା ସହ ଅନ୍ୟଙ୍କ ପାଇଁ ବି କିଛି କରିପାରୁଥିବାରୁ ମତେ ଆତ୍ମସନ୍ତୋଷ ମିଳେ।

**ରାକେଶ:** ସେ ଜଣେ ଦିବ୍ୟାଙ୍ଗ। କିନ୍ତୁ ନିଜର ଦୃଢ଼ମନୋବଳ ଯୋଗୁ ସେ ସାଧାରଣ ମଣିଷଙ୍କ ପରି ଅନେକ କାର୍ଯ୍ୟକୁ ସହଜରେ କରିପାରନ୍ତି। ସେ ହେଲେ ରାକେଶ କୁମାର ମହାରଣା। ପିତା ଗୋଲଖ ମହାରଣା, ମାତା ଛବି ଦେଈ। ଘର ଖୋର୍ଦ୍ଧା ଜିଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ କୁହୁଡ଼ି ହାଟ ସାହିରେ। ରାକେଶ କୁହନ୍ତି, ଜନ୍ମରୁ ଦୁଇ ହାତର ପାପୁଲି ନାହିଁ। ପୁଣି ଡାହାଣ ଗୋଡ଼ ବି ନାହିଁ। କେବଳ ଗୋଟିଏ ଗୋଡ଼ରେ ଚାଲିଥାଏ। ପାପୁଲି ନ ଥିବାରୁ ବହୁତ କଷ୍ଟରେ ଚାମଚକୁ ଚାପିଧରି ଖାଦ୍ୟ ଖାଇଥାଏ। ତେବେ ପୋଷାକ ପତ୍ରକୁ ସହଜରେ ପିନ୍ଧି ପାରେ। ଦୁଇ ହାତର କଟଟିରେ କଲମଧରି ସୁନ୍ଦର ହସ୍ତାକ୍ଷର ଲେଖିପାରୁଛି। ଏମିତିରେ କୁହୁଡ଼ି ପ୍ରାଥମିକ ବିଦ୍ୟାଳୟରେ ପଢିବା ପରେ କ୍ଷେତ୍ରବାସୀ ଏମଇ ସ୍କୁଲରେ ୭ମ ଏବଂ ଜନତା ଉଚ୍ଚ ବିଦ୍ୟାଳୟରେ ୧୦ମ ପଢା ସାରିଲି। ଏହାପରେ ସ୍ଥାନୀୟ ଜନତା କଲେଜରେ ବିଏ ପଢିଲି। ପରେ କିଛିଦିନ ଧରି ଏକ ଘରୋଇ କଲେଜରେ ସିଭିଲ ଇଞ୍ଜିନିୟରିଂ ଡିପ୍ଲୋମା କରୁଥିଲି ମାତ୍ର ପରିବାରରେ ଆର୍ଥିକ ସ୍ଥିତି ବିଶେଷ ସ୍ୱଚ୍ଛଳ ନ ଥିବାରୁ କିଛି ରୋଜଗାର ପାଇଁ ଚିନ୍ତା କଲି। ସେଥିପାଇଁ ପ୍ରଥମେ ନିଜର ପଢ଼ା ଖର୍ଚ୍ଚ ଉଠାଇବାକୁ କୁହୁଡ଼ି ବଜାରରେ ଏକ ବହି ଦୋକାନଟିଏ ଦେଇଥିଲି। ବଳକା ସମୟରେ ଘରେ କେତେଜଣ ସ୍କୁଲ ପିଲାଙ୍କୁ ଟିଉସନ କରୁଥିଲି। ଆଉ ବେଶ୍ କିଛି ରୋଜଗାର କରିପାରିଥିଲି। ମୁଁ କ୍ରିକେଟ, ଚେସ ଖେଳିପାରେ। ପୋଖରୀରେ ପହଁରିପାରେ। ଗୋଟିଏ ଗୋଡ଼ରେ ଚାରିଆଡ଼େ ଚଲାବୁଲା କରିପାରେ। ସାଙ୍ଗମାନଙ୍କ ସହିତ ଖେଳିବା, ଦୌଡ଼ିଲାବେଳେ ଅନ୍ୟମାନେ ଚକିତ ହୋଇପଡ଼ନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଚାମ୍ପିୟନ ହୋଇଥିଲି। ମୋବାଇଲ, ଲାପ୍‌ଟପ ବେଶ୍ ସହଜରେ ଚଳାଇପାରୁଛି। ଏମିତିକି କମ୍ପ୍ୟୁଟରରେ ପିଜିଡିସିଏ କୋର୍ସ କରିଛି। ସରକାରୀ ଚାକିରିଟିଏ ପାଇଁ ଇଚ୍ଛା ଅଛି। ଏବେ ଆତ୍ମନିର୍ଭରଶୀଳ ହେବା ପାଇଁ ଚଣ୍ଡେଶ୍ୱର ଛକଠାରେ




ଜଗନ୍ନାଥ


ଗୌତମ


ରାକେଶ

ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରଟିଏ ଖୋଲିଛି। ଏଥିସହିତ ଏକ ଫର୍ନିଚର ଦୋକାନର ଦାୟିତ୍ୱ ତୁଲାଉଛି।

**ଜଗନ୍ନାଥ:** ଭଦ୍ରକ ଜିଲା, ଚାନ୍ଦବାଲି ଅନ୍ତର୍ଗତ ନୂଆଗାଁର ବାସିନ୍ଦା ହେଲେ ଜଗନ୍ନାଥ ସାହୁ। ବୟସ ପ୍ରାୟ ୪୨ବର୍ଷ। ପିତା ରମେଶ ସାହୁ। ମାତା କମଳିନୀ। ସେ କୁହନ୍ତି, 'ଜନ୍ମରୁ ମୁଁ ଦିବ୍ୟାଙ୍ଗ। ଦୁଇଟି ହାତ ସମ୍ପୂର୍ଣ୍ଣଭାବେ ନାହିଁ। ମାତ୍ର ଗୋଡ଼ରେ ଚଲାବୁଲା କରିବା ସହିତ ଗୋଡ଼ ଆଙ୍ଗୁଠି ସାହାଯ୍ୟରେ କଲମ ଧରି ଲେଖାଲେଖି କରିପାରେ, ସାଇକେଲ ଚଳାଇପାରେ, ପାଣିରେ ପହଁରିପାରେ। ତେବେ ପୋଷାକ ପିନ୍ଧିବାରେ ପରିବାର ଲୋକେ ସହାଯାଗ କରିଥାନ୍ତି। ପ୍ରଥମେ ମୋ ମାଉସୀ ରମାବତୀ ମତେ ପାଠ ପଢ଼ାଇଥିଲେ। ସ୍କୁଲ ପଢା ସାରିବା ପରେ ବିଏ ଯାଏ ପଢ଼ିଲି। ଏବେ ମୁଁ ଜିଲା ଶ୍ରମ କାର୍ଯ୍ୟାଳୟରେ ଜଣେ ୪ର୍ଥଶ୍ରେଣୀ କର୍ମଚାରିଭାବେ କାର୍ଯ୍ୟ କରୁଛି। ପ୍ରତିଦିନ ସକାଳୁ ସକାଳୁ ଅଫିସକୁ ଯାଇଥାଏ। ଅଫିସ୍ ପ୍ରାୟ ୫୦ କି.ମି ଦୂରରେ। ତେଣୁ ବସ୍‌ରେ ଯିବାକୁ ପଡ଼େ। ଅଫିସ୍‌ର ସବୁ କାମ ମୁଁ ବେଶ୍ ସୁରୁଖୁରୁରେ କରିଥାଏ। ଏହାବାଦ ଅନେକ ସମୟରେ ନିଜର ତଥା ଅନ୍ୟ ଦିବ୍ୟାଙ୍ଗମାନଙ୍କ ନାନା ଅସୁବିଧା ଓ ସମସ୍ୟାର ସମାଧାନ ପନ୍ଥା ଲାଗି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟକୁ ଅଭିଯୋଗ ଦରଖାସ୍ତ ଲେଖି ପଠାଇଥାଏ। ଗାଁରେ କାହାର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲେ ବି ସେମାନଙ୍କୁ ଚିକିତ୍ସାଳୟକୁ ନେଇଥାଏ। ସେମାନଙ୍କର ଚିକିତ୍ସା ଯେମିତି ସୁବିଧାରେ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଏ। ଯଦି କେବେ ନିଜର ମନୋବଳ କମିଯାଏ ତେବେ ନିଜେ ନିଜର ମନୋବଳ ବି ବଢାଏ। ସାଧାରଣ ଲୋକଙ୍କ ପରି ଅନେକ କ୍ଷେତ୍ରରେ ମୁଁ ସ୍ୱାଭାବିକ ଭାବେ ଜୀବନଯାପନ କରିପାରୁଛି। ଆଉ ମୁଁ ବିବାହିତ ମଧ୍ୟ। ମୋର ପତ୍ନୀ ପ୍ରମିଳା, ୭ବର୍ଷର ପୁଅ ଓମ୍ ଜୟପ୍ରକାଶ ମୋତେ ଅନେକ କାମରେ ସାହାଯ୍ୟ କରନ୍ତି। ଏବେ ଗାଁରେ ବିବେକାନନ୍ଦ ଯୁବ ପରିଷଦର ମୁଁ ଜଣେ ସକ୍ରିୟ ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଛି। ନିଜସ୍ୱ ଢଙ୍ଗରେ ସାଧାରଣ ବ୍ୟକ୍ତିଙ୍କ ପରି ନିଜର ସବୁ କାର୍ଯ୍ୟ କରିପାରୁଛି। ଦୃଢ଼ମନୋବଳ ଯୋଗୁ ହିଁ ସବୁକିଛି ସହଜ ହୋଇପାରିଛି।

ଏମାନଙ୍କ ବ୍ୟତୀତ ଆହୁରି ଅନେକ ଦିବ୍ୟାଙ୍ଗ ଅଛନ୍ତି, ଯେଉଁମାନେ ନିଜ ଦୃଢ ମନୋବଳ ପାଇଁ ଆଜି ସମାଜରେ ସାଧାରଣ ପରି ଜିଇଁବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

***-ବନବିହାରୀ ବେହେରା, ଅଶୋକ ପଣ୍ଡା, ବନମାଳୀ ସେନାପତି, ଗୋପାଳ ସାହୁ***





# କଫ୍‌ତାନ୍ ଫ୍ୟାଶନ



କଫ୍‌ତାନ୍ ହେଉଛି ଲମ୍ବା, ଢ଼ିଲାଢ଼ାଲା କୁର୍ତ୍ତୀ ଷ୍ଟାଇଲ୍‌ର ଏକପ୍ରକାର ଆଉଟ୍‌ଫିଟ୍; ଯାହାକୁ ମୁଖ୍ୟତଃ କଟନ୍ ହେଉ ଅବା ସିଲ୍କ ମ୍ୟାଟେରିଆଲ୍‌ରେ ତିଆରି କରାଯାଇଥାଏ। ଖରାଦିନେ ପିନ୍ଧିବା ପାଇଁ ଏହା ବେଷ୍ଟ। ଏହା ଦେଖିବାକୁ ଯେମିତି ଆକର୍ଷଣୀୟ, ପିନ୍ଧିବାକୁ ବି ସେମିତି କମ୍ଫଟେବଲ୍। ସବୁଠୁ ବଡ଼ କଥା, ଏହି ଷ୍ଟାଇଲ୍‌ର ଆଉଟ୍‌ଫିଟ୍ ସବୁ ପ୍ରକାରର ବଡ଼ି ଟାଇପ୍ସକୁ ବେଶ୍ ଭଲ ମାନିଥାଏ। ତେବେ କଫ୍‌ତାନ୍ ଆଉଟ୍‌ଫିଟ୍‌ର କ'ଣ ସବୁ ଲାଟେଷ୍ଟ ଟ୍ରେଣ୍ଡ ରହିଛି ଜାଣନ୍ତୁ ସେ ସମ୍ପର୍କରେ...

*** ମାକ୍ସି ଡ୍ରେସ୍ ଓଭରସାଇଜ୍ କଫ୍‌ତାନ୍ :** ଏହି ଟାଇପ୍‌ର କଫ୍‌ତାନ୍‌କୁ କ୍ୟାରି କଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ। ଅଫିସ୍‌କୁ ବି ଏହାକୁ ପିନ୍ଧି ଗଲେ କମ୍ଫଟେବଲ୍ ଲାଗେ। ତେବେ ପ୍ରିଣ୍ଟ ହେଉ ଅବା ପାର୍ଟର୍ନ ଡିଜାଇନ୍‌ର ମାକ୍ସି ଡ୍ରେସ୍ ଓଭରସାଇଜ୍ କଫ୍‌ତାନ୍‌ର ଏବେ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି।

*** ସର୍ଟ ନାଇଟ୍ କଫ୍‌ତାନ୍:** ଯେଉଁମାନଙ୍କୁ ସର୍ଟ ଲେଙ୍ଗ୍‌ଥ ଆଉଟ୍‌ଫିଟ୍ ପିନ୍ଧିବା ପସନ୍ଦ, ସେମାନେ ଚାହିଁଲେ ଏହି ଟାଇପ୍‌ର କଫ୍‌ତାନ୍‌କୁ ଟ୍ରାଏ କରିପାରିବେ। ବିଶେଷକରି ରାତି ସମୟରେ ଏହାକୁ ପିନ୍ଧିବା କମ୍ଫଟେବଲ୍ ହୋଇଥାଏ। କଳା, ନାଲି, ଧଳା ଓ ଆକାଶୀ ନୀଳ ରଙ୍ଗର ଏହି କଫ୍‌ତାନ୍ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।

*** କଫ୍‌ତାନ୍ କୁର୍ତ୍ତୀ :** ଏହି ଷ୍ଟାଇଲ୍‌ର କୁର୍ତ୍ତୀ ଦେଖିବାକୁ ବେଶ୍ ଷ୍ଟାଇଲିଶ୍ ଓ ଏଲିଗେଣ୍ଟ ହୋଇଥାଏ। ଆଉଟିଂ ହେଉ ଅବା ଡେଲି ୱେର୍ ଭାବେ ବି ଏହାକୁ ଆରାମରେ ଟ୍ରାଏ କରାଯାଇପାରେ।

*** ଲଙ୍ଗ୍ ଟ୍ୟୁନିକ୍ କଫ୍‌ତାନ୍:** ଅଫିସ୍ ପାର୍ଟି ହେଉ କିମ୍ବା କକ୍‌ଟେଲ୍ ପାର୍ଟି ଅଥବା ଘରେ କୌଣସି ଛୋଟମୋଟ ଗେଟ୍ ଟୁଗେଦର୍ ପାର୍ଟି ହେଉନା କାହିଁକି; ଏସବୁ କ୍ଷେତ୍ରରେ ଲଙ୍ଗ୍ ଟ୍ୟୁନିକ୍ କଫ୍‌ତାନ୍ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

*** ଡିପ୍ ନେକ୍ କଫ୍‌ତାନ୍:** ହଲିଉଡ୍ ଅଭିନେତ୍ରୀମାନଙ୍କର ଏହା ବେଶ୍ ପସନ୍ଦ। ଟ୍ରେଣ୍ଡି ଲୁକ୍ ପାଇଁ ଏ ଟାଇପ୍‌ର କଫ୍‌ତାନ୍ ବେଷ୍ଟ।

*** କଲର୍‌ଫୁଲ୍ ସିଲ୍କ କଫ୍‌ତାନ୍ ଡ୍ରେସ୍:** ବିଚ୍‌ରେ ବୁଲାବୁଲି କଲାବେଳେ ସିଲ୍କ ଫାବ୍ରିକ୍‌ର କଫ୍‌ତାନ୍ ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଲାଗିଥାଏ। ଏହାକୁ ପିନ୍ଧିଲେ ଯେମିତି ଟ୍ରେଣ୍ଡି ଲାଗେ ସେମିତି ଗର୍ଜିୟସ୍ ଲୁକ୍ ବି ମିଳିଥାଏ। ବିଶେଷକରି ଏଥିରେ ହୋଇଥିବା ମଲ୍ଟିକଲର୍ ପାର୍ଟର୍ନ ଏହାକୁ ଅଧିକ ଆକର୍ଷଣୀୟ କରି ଦେଇଥାଏ।

*** ଟି-ଲେଙ୍ଗଥ୍ କଫ୍‌ତାନ୍ ଡ୍ରେସ୍:** ଯେଉଁମାନେ କମ୍ଫଟେବଲ୍ ଲୁକ୍ ସହ ନିଜ ଗୋଡ଼ର ସୌନ୍ଦର୍ଯ୍ୟକୁ ବି ସୋ-ଅପ୍ କରିବାକୁ ଚାହାନ୍ତି, ସେମାନଙ୍କ ପାଇଁ ଟି- ଲେଙ୍ଗଥ୍ କଫ୍‌ତାନ୍ ଡ୍ରେସ୍ ପରଫେକ୍ଟ ହୋଇଥାଏ।

*** ମଡର୍ନ ୱାନ୍ ସୋଲ୍ଡର୍ କଫ୍‌ତାନ୍ ଡ୍ରେସ୍:** ଏକ୍ସଟ୍ରିମ୍‌ଲି ଷ୍ଟାଇଲିଶ୍ ଓ ବୋଲ୍ଡ ଲୁକ୍ ଦେଇଥାଏ ଏହି ଟାଇପ୍‌ର କଫ୍‌ତାନ୍। ସେଥିପାଇଁ ଆଜିକାଲିର ମଡର୍ନ ଯୁବତୀମାନେ ପ୍ରାୟତଃ ଏହି ଷ୍ଟାଇଲ୍‌ର କଫ୍‌ତାନ୍ ଡ୍ରେସ୍‌କୁ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

ତେବେ ଯେ କୌଣସି ଟାଇପ୍‌ର କଫ୍‌ତାନ୍ ଡ୍ରେସ୍ ହେଉନା କାହିଁକି ତା'ସହିତ ସିମ୍ପଲ ଡିଜାଇନ୍‌ର ମ୍ୟାଚିଂ ଜୁଏଲେରୀ ଓ ହାଇହିଲ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।











# ସିଲେଇ ଦେଇଛି ପରିଚୟ

**ବଲାଙ୍ଗୀର ସହରଠାରୁ ପ୍ରାୟ ୬ କିଲୋମିଟର ଦୂରରେ ରହିଛି ମାଧିଆପାଲି ଗ୍ରାମପଞ୍ଚାୟତର ରିନ୍‌ବଚନ ଗାଁ। ଏହା ଏମିତି ଏକ ଗାଁ ଯେଉଁଠି ଅଧିକାଂଶ ପୁରୁଷ ଓ ମହିଳା କରନ୍ତି ସିଲେଇ କାମ। ଆଉ ଏଇ ସିଲେଇ କାମ ହିଁ ଏଇ ଗାଁକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ ..**



ଏହା ଏମିତି ଏକ ଗାଁ ଯେଉଁଠି ଅଧିକାଂଶ ପୁରୁଷ ଓ ମହିଳା ସିଲେଇ ମେଶିନରେ ବିଭିନ୍ନ ପୋଷାକପତ୍ର ସିଲେଇ କରିଥାନ୍ତି। ଏଥିଯୋଗୁ ଗାଁର ବେକାରି ସମସ୍ୟା ଅନେକାଂଶରେ ଦୂରୀକରଣ ହେବା ସହ ଅନ୍ୟମାନଙ୍କ ପାଇଁ ଏହି ଗାଁ ଉଦାହରଣ ପାଲଟିଛି।

ବଲାଙ୍ଗୀର ସହରଠାରୁ ପ୍ରାୟ ୬ କିଲୋମିଟର ଦୂରରେ ରହିଛି ମାଧିଆପାଲି ଗ୍ରାମପଞ୍ଚାୟତର ରିନ୍‌ବଚନ ଗାଁ। ସିଲେଇ ମେଶିନ ଏଇ ଗାଁକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଗାଁର ଅଧିକାଂଶ ଲୋକଙ୍କ ଘରେ ସିଲେଇ ମେଶିନ ରହିଛି। ବିଶେଷକରି ମହିଳାମାନଙ୍କୁ ଏହା ଦେଇଛି ଅର୍ଥ ରୋଜଗାରର ଏକ ସମ୍ମାନଜନକ ବାଟ। କିନ୍ତୁ ପ୍ରଥମେ ଗାଁରେ ପୁରୁଷମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସିଲେଇ। ଯାହାକୁ ଏବେ ଅନେକାଂଶରେ ମହିଳାମାନେ ତୁଲାଉଛନ୍ତି। ଏହି ଗାଁର ପ୍ରାୟ ୨୫/୩୦ଟି ପରିବାରର ମହିଳା ଏବଂ ପୁରୁଷ ସିଲେଇ କରି ରୋଜଗାର କରୁଛନ୍ତି। ପୂର୍ବରୁ ଏହି ଗାଁର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ସିଲେଇ କାର୍ଯ୍ୟ କରୁଥିଲେ। ହେଲେ ବିବାହ ପରେ ଝିଅମାନେ ଅନ୍ୟ ଗାଁ ବା ସହରକୁ ଚାଲିଯାଉଥିବାରୁ ଏହି ସଂଖ୍ୟା କମିବାରେ ଲାଗିଛି । ତଥାପି ଏହି ଗାଁ ସିଲେଇ ଶିଳ୍ପକୁ ନେଇ ପରିଚିତ। ଗାଁର ବହୁ ଯୁବତୀ ଏବଂ ମହିଳା ସିଲେଇ କାମ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ଆର୍ଥିକ ଦିଗରୁ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଏହି ଗାଁର ବନିତା ସାହୁ ଜଣେ ଗୃହିଣୀ। କିଛିବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଥିଲା। ଫଳରେ ଘରର ଆର୍ଥିକସ୍ଥିତି ବିଗିଡିଗଲା। ଦୁଇ ଛୋଟ ଝିଅଙ୍କୁ କିଭଳି ପାଳନ କରିବେ ଏବଂ ନିଜେ କିପରି ବଞ୍ଚିବେ ଚିନ୍ତାରେ ପଡ଼ିଥିଲେ। ଏଭଳି ସ୍ଥିତିରେ ସେ ନିଜକୁ ସମ୍ଭାଳି ରୋଜଗାର କଥା ଚିନ୍ତା କଲେ। ଆଉ ସିଲେଇ ଶିକ୍ଷାର ତାଲିମ ନେଲେ। ଦିନରାତି ପରିଶ୍ରମ କଲେ। ଯାହା କିଛି ରୋଜଗାର ହେଲା ସେଥିରେ ଦୁଇ ଝିଅଙ୍କୁ ପାଠ ପଢ଼ାଇଲେ। ଏପରିକି ରୋଜଗାର ଅର୍ଥରେ ଝିଅଙ୍କ ବିବାହକାର୍ଯ୍ୟ ବି ତୁଲାଇଛନ୍ତି। ଆଉ ଆଜିବି ସେ ସିଲେଇ ମେଶିନ ଚଲାଇ ଭଲ ଅର୍ଥ ଉପାର୍ଜନ କରି ପରିବାର ଚଳାଉଛନ୍ତି। ସେହିପରି ଏହି ଗାଁର ଆଉ ଜଣେ ମହିଳା ହେଲେ ବବିତା ସାହୁ। ସେ ଦୀର୍ଘ ୧୧ବର୍ଷ ଧରି ସିଲେଇ କାମ କରୁଛନ୍ତି। ତା'ସହ ଗାଁର ଅନ୍ୟ ଯୁବତୀ ଏବଂ ମହିଳାଙ୍କୁ ସିଲେଇ ଶିଖାଉଛନ୍ତି। ସେ କୁହନ୍ତି, 'ସ୍କୁଲ ୟୁନିଫର୍ମ, ବ୍ଲାଉଜ୍, ସାୟା, ଝିଅଙ୍କ ଡ୍ରେସ୍ ସିଲେଇ କରି କିଛି ଟଙ୍କା ଉପାର୍ଜନ କରିପାରୁଛୁ। ବଲାଙ୍ଗୀର ସହରର ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ରେଡିମେଡ ଗାର୍ମେଣ୍ଟ୍ସ ମଧ୍ୟ ସିଲେଇ କରାଯାଉଛି। ୨/୩ ମାସର କାମ ମିଳିଲେ ଏଥିରୁ ପ୍ରାୟ ୬୦ ହଜାର ଟଙ୍କା ମିଳିଯାଏ। ବର୍ଷରେ ଥରେ ସ୍କୁଲ ୟୁନିଫର୍ମ ତିଆରି ପାଇଁ ଅର୍ଡର ମିଳୁଛି। ବର୍ଷର କିଛି ମାସ ବିଶେଷ କାମ ମିଳି ନ ଥାଏ। ସେଥିପାଇଁ ଯେଉଁମାନେ ସିଲେଇ ମେଶିନକୁ ନେଇ ଅର୍ଥ ରୋଜଗାରର ସ୍ୱପ୍ନ ଦେଖୁଥିଲେ ସେମାନଙ୍କ ମନରେ କିଛିଟା ନିରୁତ୍ସାହ ଭାବ ଦେଖାଦେଉଛି। ଆଉ ସେମାନେ ସିଲେଇ ସହ ଅନ୍ୟ କାମ ବି କରୁଛନ୍ତି। ମିଶନ ଶକ୍ତି ନାଁରେ ବିଭିନ୍ନ ଯୋଜନା ରହିଛି। ହେଲେ ସରକାରୀ କ୍ଷେତ୍ରରୁ ଏଯାଏ ରିନ୍‌ବଚନ ଗାଁର ମହିଳାମାନଙ୍କୁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ କି ପ୍ରୋତ୍ସାହନ ମିଳିପାରିନାହିଁ। ଯାହାକି ବେଶ୍ ଦୁଃଖୀ କଥା।' ଗାଁରେ ଥିବା ସିଲେଇ ମାଷ୍ଟର ଶ୍ରୀକାନ୍ତ ସାହୁ ଅନେକ ଯୁବତୀ, ମହିଳା ଏବଂ ଯୁବକଙ୍କୁ ସିଲେଇ ଶିକ୍ଷା ଦେଇଛନ୍ତି। ଗାଁର ଇତିଶ୍ରୀ ପଣ୍ଡା, ଏଲିନା ପଣ୍ଡା, ଗୀତାଞ୍ଜଳି ସାହୁ ପ୍ରମୁଖ କୁହନ୍ତି, 'ନୂଆ କରି ସିଲେଇ ଶିଖୁଥିବା ଯୁବତୀ ଏବଂ ମହିଳାମାନେ ଘର କାମ ସାରିବା ପରେ ଏଥିପାଇଁ ସମୟ ଦେଇଥାନ୍ତି। ହେଲେ ପ୍ରୋତ୍ସାହନ ଅଭାବରୁ ବେଳେବେଳେ ସେମାନେ ନିରୁତ୍ସାହିତ ହୋଇପଡୁଛନ୍ତି।' ଏଇ ଗାଁର ସୁରେଶ ସାହୁ କୁହନ୍ତି, 'ଅନେକ ଯୁବତୀ, ଯୁବକ ଏବଂ ମହିଳା ସିଲେଇ କାମ କରି ରିନ୍‌ବଚନ ଗାଁକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଆଜି ବି ସେମାନଙ୍କ ଭିତରେ ସେଇ ଉତ୍ସାହ ଅଛି। ହେଲେ ସେମାନଙ୍କୁ ମିଳୁନି ପ୍ରୋତ୍ସାହନ। ତେଣୁ ଏହି ଗାଁର ସିଲେଇ ଶିଳ୍ପକୁ ସରକାରୀ ପ୍ରୋତ୍ସାହନ, ତାଲିମ ଏବଂ ଆର୍ଥିକ ସହାୟତା ମିଳିଲେ ଅନେକ ପରିବାର ଉପକୃତ ହେବା ସହିତ ଏହି ଗାଁ ସିଲେଇ ଶିଳ୍ପରେ ଭିନ୍ନ ପରିଚୟ ସୃଷ୍ଟି କରିପାରିବ।



**-ବୀରେନ୍ଦ୍ର ଝାଂକର**

# ସୁଷମାଙ୍କ ସଂକଳ୍ପ

**ଦିନେ ପୁତ୍ରର ମୃତ୍ୟୁରେ ଭାଙ୍ଗିପଡିଥିବା ସୁଷମା ଏବେ ଗରିବ ଅସହାୟଙ୍କ ମୁହଁରେ ହସ ଫୁଟାଇ ପୁଅର ସ୍ୱପ୍ନକୁ ପୁରା କରିବାର ନିଷ୍ପତି ନେଇଛନ୍ତି...**

ଦୀପ୍ତିକାନ୍ତ ପାଢ଼ୀ ଥିଲେ ଜଣେ ଯୁବ ସମାଜସେବୀ ଓ ଜଗନ୍ନାଥପ୍ରେମୀ। କିନ୍ତୁ ଖୁବ୍ କମ୍ ବୟସରେ ଏକ ରେଳ ଦୁର୍ଘଟଣାରେ ତାଙ୍କର ଅକାଳ ବିୟୋଗ ହୋଇଥିଲା। ଘଟଣାଟି ଘଟିଥିଲା ବାଲେଶ୍ୱର ଜିଲାର ସୋର ବ୍ଲକ ଅନ୍ତର୍ଗତ ଅଇଁରି ଗାଁରେ। ଏକମାତ୍ର ପୁଅର ବିୟୋଗରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ ମା' ସୁଷମା ପାଢ଼ୀ। ଯେତେ ଯିଏ ବୁଝାଇଲେ ବି କିଛି ବୁଝି ନ ଥିଲେ। ବଞ୍ଚିବାର ସ୍ପୃହାକୁ ହରାଇବସିଥିଲେ। ଠିକ୍ ଏହି ସମୟରେ ଦୀପ୍ତିକାନ୍ତଙ୍କ ସାଙ୍ଗ ଓ ତାଙ୍କ ମାମୁ ଆସି ଭଉଣୀ ସୁଷମାଙ୍କୁ ଦମ୍ଭଦେବା ପାଇଁ ତାଙ୍କ ପାଖରେ ଠିଆହେଲେ। ସୁଷମା ପୁଅର ସ୍ୱପ୍ନକୁ ସାକାର କରିବା ପାଇଁ ମନେମନେ ଚିନ୍ତାକରିଲେ। ପୁଅର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସମୟରେ ଦୀପ୍ତିକାନ୍ତଙ୍କ ନାଁରେ ଦୀନବନ୍ଧୁ ସଙ୍ଗଠନଟିଏ ଗଠନ କରି ତାଙ୍କର ସମ୍ପତ୍ତିକୁ ଗରିବ ଲୋକଙ୍କ ସେବାରେ ଲଗାଇବା ପାଇଁ ନିଷ୍ପତ୍ତି ନେଲେ। ଏହାସହିତ ଘରେ ଅସହାୟ ଲୋକଙ୍କୁ ସାଧ୍ୟମତେ ଖାଦ୍ୟବସ୍ତ୍ର ବଣ୍ଟନ କରିବା



ଆରମ୍ଭ କଲେ। ଏମିତିକି ନିଜ ଶରୀରକୁ ଦାନକରିବା ନିମନ୍ତେ ଇଚ୍ଛାପତ୍ରରେ ସ୍ୱାକ୍ଷର ବି କରିଛନ୍ତି। ସୁଷମା କହନ୍ତି,' ମୋ ପୁଅ ମୋତେ ସବୁବେଳେ କହୁଥିଲା ଶରୀର ଦାନ କଲେ ସମାଜର ମଙ୍ଗଳ ହେବ। ତେଣୁ ସମାଜର କଲ୍ୟାଣ ସହ ମୋ' ପୁଅର ଖୁସି ପାଇଁ ମୁଁ ମୋ ଶରୀର ଦାନ କରିଛି। ଦୁଃଖୀ ଅସହାୟ ଲୋକଙ୍କ ସେବାରେ ମୋ ପୁଅ ସବୁବେଳେ ତତ୍ପର ରହୁଥିଲା। ସେଥିପାଇଁ ଲୋକଙ୍କ ସେବା କରି ମୁଁ ମୋ ପୁଅର ସ୍ୱପ୍ନକୁ ପୂରଣ କରିବି ଭାବି ନିଜର ସବୁ ସମ୍ପତି ଦାନ କରିବାକୁ ବି ନିଷ୍ପତି ନେଇଛି। ପୁଅ ତ ନାହିଁ ଏ ସମ୍ପତ୍ତି ମୋର କ'ଣ ହେବ।' ଏବେ ସୁଷମା ଅନେକ ସମୟରେ ବାସୁଦେବପୁର ବୃଦ୍ଧାଶ୍ରମରେ କମ୍ବଳ ଓ ଖାଦ୍ୟ ବଣ୍ଟନ କରିବାକୁ ଯାଉଛନ୍ତି। କନ୍ୟାଶ୍ରମରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରୁଛନ୍ତି। ସେହିଭଳି ଡଗରପଡ଼ା ଅନାଥ ଆଶ୍ରମରେ ବି ଖାଦ୍ୟ ବଣ୍ଟନ କରୁଛନ୍ତି। ଦିନେ ପୁତ୍ରର ମୃତ୍ୟୁରେ ଭାଙ୍ଗିପଡିଥିବା ସୁଷମା ଏବେ ଗରିବ ଅସହାୟଙ୍କ ମୁହଁରେ ହସ ଫୁଟାଇ ପୁଅର ସ୍ୱପ୍ନକୁ ପୁରା କରିବାର ନିଷ୍ପତି ନେଇଛନ୍ତି। **-ଜନ୍ମେଜୟ ମିଶ୍ର**

## ପ୍ରଭୁ

-ନିର୍ମଳ ଚନ୍ଦ୍ର ଶୂରଦେଓ

ସବୁକିଛି ଦେଇଛ ବୋଲି ତ
ଆମେ ମଣିଷ ।
ଆତ୍ମା ଅଛି ବୋଲି ପରମାତ୍ମାକୁ
ଭେଟୁଛୁ ସବୁଦିନ ।

ଅହଙ୍କାର ଗର୍ବ
ଦେଇଛ ବୋଲି ତ
ଆମେ ଶତ୍ରୁ ଅରଜୁଛୁ
ନିତି ପ୍ରତିଦିନ ।

କାମ,କ୍ରୋଧ ମାୟା
ଦେଇଛ ବୋଲି
ଆମେ ଲାଗି ପଡୁଛୁ
ଉପରକୁ ଉପରକୁ
ଉଠିବା ପାଇଁ ।

ମିଛ ଟିକକ ଦେଇଛ ବୋଲି
ସତକୁ ଭୁଲିଯାଇ
ମିଛରେ ମିଛରେ
ନାଟକ କରୁଛୁ ।
ତଥାପି ବି
ବିଶ୍ୱାସ, ସହନଶୀଳତା
ଟିକିଏ ଦେଇଛ ବୋଲି
ଆମେ ବଞ୍ଚିଛୁ,
ଖୁସିରେ ଖୁସିରେ ଅନ୍ୟ
ସହ ସମୟ କାଟୁଛୁ ।

*-ସମ୍ପାଦକ*
*ପରମ୍ପରା, ପୁରୁଣା ସହର,*
*ନୟାଗଡ଼,*
*ମୋ: ୯୯୩୮୩୦୯୬୫୨*



# ପ୍ରତିଶୋଧ

-ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର

ସଂଜ ହୋଇ ଆସୁଥାଏ । ଗ୍ୟାରେଜ୍‌ରେ ଗାଡି ରଖିସାରି ଚାବି ପକାଇଲା ବେଳକୁ ନିରାମୟଙ୍କର ଦୃଷ୍ଟି ପଡିଲା ପାଖରେ ଅନେକ ଦିନରୁ ଭଙ୍ଗାରୁଜା ହୋଇପଡିଥିବା ପରିତ୍ୟକ୍ତ ଆଉଟ୍ ହାଉସ୍ ଭିତରେ ନିଘୋଡ ନିଦରେ ଶୋଇଛି ବୁଢୀ କୁକୁରଟିଏ । ତାଠାରୁ କ୍ଷୀର ପିଉଛନ୍ତି ସଦ୍ୟଜାତ ତା'ର ଚାରୋଟି ଛୁଆ । ହଠାତ୍ ତା' ପାଖକୁ ଯାଇ ଏକ ଶକ୍ତ ଲୁହା ରଡ୍‌ରେ ତା'ପିଠିରେ ଏମିତି ପାହାରେ କସିଦେଲେ ଯେ ବିଚରା ଦୁର୍ବଳ କୁତୀଟି ଅଧ ଘଣ୍ଟା ଯାଏ କେଁ କେଁ ରଡି ଛାଡ଼ିଲା । ତା'ପରେ ଛୋଟେଇଛୋଟେଇ ତା'ର ଛୁଆକୁ ନେଇ ସେଠାରୁ ପଳାଇଲା ।

ରାତିରେ ଖାଇପିଇ ସାରି ଶୋଇଲାବେଳେ କେଜାଣି କାହିଁକି ସେ କୁକୁରଟି ତାଙ୍କର ଖୁବ୍ ମନେ ପଡିଲା ।
ସତେ ଯେପରି ରଡି ଛାଡୁ ନଥିଲା, ସେ କାନ୍ଦୁଥିଲା । ଆଉ କାନ୍ଦ ମାଧ୍ୟମରେ ସେ ଅନୁନୟ କରୁଥିଲା, 'ବାବୁ ! ଅନ୍ୟମାନଙ୍କଠାରୁ ବଞ୍ଚେଇବା ପାଇଁ ମୋର ଛୋଟ ଛୁଆମାନଙ୍କୁ ସେ ଭଙ୍ଗାଘରେ ଟିକେ ଆଶ୍ରା ଦେଇଥିଲି । ମୁଁ ତୁମର କି କ୍ଷତି କରିଥିଲି ମତେ ଏତେ ଜୋରରେ ବାଡ଼େଇଲେ ଯେ ମୋ ଅଣ୍ଟା ଅଖଞ୍ଜା ହୋଇଗଲା ! ବରଂ ମୁଁ ସେଠିଥିଲେ ସେ ଜାଗାଟାର ସବୁ ଅଳିଆ, ଅରମା ସଫାସୁତୁରା ହୋଇ ଯାଇଥାନ୍ତା । ସାପ କି ଅନ୍ୟଜନ୍ତୁ ପଶି ପାରିନଥାନ୍ତେ ..ଚୋର ବି..' ।

ହଠାତ୍ ଉଠି ବସିଲେ ନିରାମୟ, ସତ କଥା ତ ! ମନଟା କେମିତି ଗୋଳେଇଘାଣ୍ଟି ହେଲା । ନିରୀହ କୁକୁରଟିର ବିକଳ କ୍ରନ୍ଦନର ସ୍ୱର ତାଙ୍କର ଦେହ ମନକୁ ଅସ୍ଥିର କରି ଦେଉଥିଲା । ଆଃ ସ୍..ସେ କାହିଁକି ଏତେ ନିଷ୍ଠୁର ହେଲେ ? ବିନା କାରଣରେ.ବିଚରା..ଆଃ..। ରାତିସାରା ତା' କଥା ଭାବି ଭାବି ନିଦ ହେଲାନି । ସକାଳୁ ଉଠି ସେ କୁକୁରଟିର ସନ୍ଧାନରେ ବାହାରି ପଡିଲେ । ସାଥିରେ କିଛି ଖାଦ୍ୟ ଓ ପାଣି । ଖୋଜି ଖୋଜି ଶେଷରେ ତାକୁ ଏକ ଗହଳିଆ ବୁଦା ଭିତରେ ପାଇଲେ ।

ନିଜର ଛୁଆମାନଙ୍କୁ ଗେହ୍ଲାରେ ଚାଟୁଥିଲା ସେ । ତା ମୁହଁ ପାଖରେ ଖାଦ୍ୟ ଓ ପାଣିତକ ଥୋଇଦେଇ ପ୍ରକାଶ୍ୟରେ କହିଲେ, 'ନେ ଏତକ ଖାଦ୍ୟ ଖାଇଦେ । ଆଉ ଚାଲ ସେହି ଘରକୁ । ତୋର ଯେତେଦିନ ଇଚ୍ଛା ସେଠି ରହିବୁ' । ହେଲେ କୁକୁରଟି ସେ ଖାଦ୍ୟ ଓ ପାଣିକୁ ଆଡ ଆଖିରେ ବି ଚାହିଁଲାନି ।
ମୁହଁଟାକୁ ବୁଲେଇ ଦେଇ ସେମିତି ଶୋଇରହିଲା । ନିରାମୟ ତାକୁ ଖୋଇବାପାଇଁ ଓ ଉଠାଇବା ପାଇଁ ଯେତେ ଚେଷ୍ଟା କଲେ ସବୁ ବୃଥା ହେଲା । ଶେଷକୁ ନିରାଶ ହୋଇ ଫେରି ଆସିଲେ । ଅନୁତାପର ଜ୍ୱାଳା ମନକୁ ତାଙ୍କର ତିଳ ତିଳ କରି ଝୁଣୁଥିଲା ଯେଉଁଥିରୁ ମୁକ୍ତି ପାଇଁ ଛଟପଟ ହେଉଥିଲେ ସେ ।

*-ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର,*
*ୟୁନିଟ-୪, ଭୁବନେଶ୍ୱର,*
*ମୋ- ୯୪୩୮୬୭୩୮୯୮*



# ଯାତ୍ରା

-ତୃପ୍ତି ରଞ୍ଜନ ଦାସ

ଭଙ୍ଗା ଯୋଡ଼ା ବଉଦଙ୍କ କୃଷ୍ଣବର୍ଣ୍ଣ କର୍କଶ
ଯାନରେ
ତାରା ମାନେ ଯାତ୍ରୀ ଯେତେ କ୍ଲାନ୍ତ ଆଖିରେ
ଦରିଆକୁ ଛୁଇଁବାକୁ ଯାତ୍ରା ଚାଲେ ଦୂର ବହୁ ଦୂର
କ୍ଲାନ୍ତ ଯେତେ ଆଖି ପତା ଖୋଲେ ଧିରେ ଧିରେ,
ଜହ୍ନ ଚାଲି ଜଣାପଡ଼େ ତାଳି ଆଉ କାଚ ଚୁଡ଼ି
ଶବଦରେ

ଏ ଦେହ ସାରା ତୁମେ ଖେଳିବୁଲ ତାଳୁରୁ ତଳିପା
ପବନ ପେଟରେ ରଖି ସଂସର୍ଗ ନିଃଶ୍ୱାସ
ଯେଉଁ ଗ୍ରହ ଘୂର୍ଣ୍ଣନରେ ଖରା ଛାଇ ଏକା ପରି
ଦିଶେ
ସେଇ ଧୂଳି ବାଲି ଅବା ଇଟା କୋଠରୀରେ ତୁମ
ଲାଜ ଆସି ମିଶେ

ମାଟି ଆଉ ମୃତ୍ୟୁର ମାହାର୍ଘ ବେଳାରେ ମଶାଣି
କୋହଗ୍ରସ୍ତ ହୁଏ
ଯାତ୍ରାଟିଏ ପବନରେ ଲିଭି ଲିଭି ଆସି ବୈକୁଣ୍ଠ
ଅବା ନର୍କଠାରେ ସରେ
ଜଳିବି ଯେତେ ଦୁଃଖ ଆଉ ନଆସିବାର ଇଚ୍ଛା,
ପୁଣି କିଏ ସଜ ହୁଏ !
ପୁଣି ଖୋଜେ ତୁମ ଉଷୁମ କୋଳ, ତର ତର
ବସନ୍ତର ଛୁଆଁ
ସିନେମା ପ୍ରେକ୍ଷାଳୟ ପପକର୍ନ ବିଲ୍, ଥଣ୍ଡା କଫି,
ଆମ ଓଠ ନିଆଁ ।।

*-କାଦୁଅପଡ଼ା, ଜଗତସିଂହପୁର*
*ମୋ: ୮୨୪୯୩୫୭୨୭୨*




ଆଲିୟା

# କେତେ ସତ କେତେ ମିଛ

ଆଲିୟା ଭଟ୍ଟଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ  ସେ କୁଆଡ଼େ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି।  ଏ ନେଇ ଆଲୋଚନା ଜୋର୍ ଧରିବା ପରେ ନିକଟରେ ଏ ବିଷୟରେ ଜାଣିବାକୁ ପାଇଛନ୍ତି ସେ। ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଆଲିୟା। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି।  ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ।'

# କାହାଣୀ ଲେଖିବେ ତାପସୀ

ତାପସୀ ପନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ସହ ସେ ଆଉ ଏକ କ୍ଷେତ୍ରରେ ପାଦ ରଖିବାକୁ ଯାଉଛନ୍ତି। ତାହା ହେଲା କାହାଣୀ ରଚନା। ସମାଜରେ ଘଟୁଥିବା କିଛି ଘଟଣାବଳୀ ତାଙ୍କୁ ପ୍ରଭାବିତ କରିଛି। ବାସ୍, ତାକୁ ଆଧାର କରି ସେ କାହାଣୀ ରଚନା କରିବାକୁ ମନ ବଳାଇଛନ୍ତି। କେବଳ ସେତିକି ନୁହେଁ, ଯଦି କୌଣସି ପ୍ରଯୋଜକ ଏହାକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ତେବେ ସେ ଆହୁରି ଖୁସି ହେବେ ବୋଲି କହି ବୁଲୁଛନ୍ତି। ତାଙ୍କ କାହାଣୀରେ ସେ ବିଶେଷଭାବେ ସମାଜସେବାକୁ ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି। ଏଭଳି ଆଭିମୁଖ୍ୟ ସମ୍ପର୍କରେ ତାପସୀ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ପ୍ରକାର ଘଟଣା ଘଟୁଛି। ତାହାକୁ ଆଧାର କରି ଯଦି କାହାଣୀ ରଚନା କରିବା ସହ ଫିଲ୍ମଟିଏ ନିର୍ମାଣ କରାଯାଏ, ତାହା ଜନସାଧାରଣଙ୍କ ପାଇଁ ପ୍ରେରଣାଦାୟକ ହେବ। ଆଉ ମୁଁ ମୋ କାହାଣୀରେ ସମାଜସେବାକୁ ଅଧିକ ଗୁରୁତ୍ୱ ଦେବି। ଖାସ୍ କଥା ହେଲା, ଏବେ ମୁଁ ନିଜକୁ ସମାଜସେବାରେ ସାମିଲ କରିବି ବୋଲି ମଧ୍ୟ ସ୍ଥିର କରିସାରିଛି।' ତେବେ ଏ କ୍ଷେତ୍ରରେ ତାପସୀ କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ସାରା


ରାଧିକା

# ଭାଗ୍ୟବତୀ ରାଧିକା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ରାଧିକା ମଦନଙ୍କ ହାତରେ କେମିତି ଅଫର ପରେ ଅଫର।  ଦୁଇଟି ସିନେମାର ଶୁଟିଂ ଇତିମଧ୍ୟରେ ଶେଷ ହୋଇଥିବା ବେଳେ ଆଉ ଦୁଇଟିର ଶୁଟିଂ ଚାଲୁ ରହିଛି। ଅନ୍ୟପକ୍ଷରେ ଏବେ ସେ ଏକ ନୂଆ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଦୁଇଟି ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ସେଥିପାଇଁ ତାଙ୍କ ଖୁସି କହିଲେ ନ ସରେ। ଏହି ନୂଆ ଫିଲ୍ମଦ୍ୱୟରେ ତାଙ୍କୁ ମନଲାଖି ଭୂମିକା ବି ମିଳିଛି। ଏ ନେଇ ରାଧିକା କହନ୍ତି, 'ମୋର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ପଟାଖା'ରୁ। ୨୦୧୮ରୁ ଏ ପର୍ଯ୍ୟନ୍ତ ମୁଁ ଯେତିକି ସିନେମାରେ ଅଭିନୟ କରିଛି ତାହା ମୋତେ ଆତ୍ମସନ୍ତୋଷ ଦେଇଛି ବୋଲି କହିବି। ନିକଟରେ ମିଳିଥିବା ନୂଆ ଅଫର ଦୁଇଟି ମୋତେ ବେଶ୍ ପ୍ରଭାବିତ କରିଛି। ଭାବୁଛି ଏବେ ମୋ ପ୍ରତି ଭାଗ୍ୟଦେବୀ ପ୍ରସନ୍ନ ଅଛନ୍ତି।'

# ସତ ହେଲା ପୂର୍ବାନୁମାନ


ସିଦ୍ଧାନ୍ତ

ଚଳିତ ମାସ ୩ ତାରିଖରେ ଓଡ଼ିଆ ସିନେମା 'ବାପା ସୁପରମ୍ୟାନ୍' ରିଲିଜ ହୋଇଥିଲା। ଫିଲ୍ମଟି ପ୍ରାରମ୍ଭରୁ ସଫଳତା ସାଉଁଟିବାରେ ସକ୍ଷମ ହୋଇଛି। ବିଶେଷଭାବରେ ଏଥିରେ ବାପା ଭୂମିକାରେ ଅଭିନୟ କରିଥିବା ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ତାଙ୍କର ଆକ୍ଟିଂ କ୍ୟାରିୟରେ ସଫଳତାର ଆଉ ଏକ ସ୍ମରଣୀୟ ଫର୍ଦ୍ଦ ଯୋଡିଛନ୍ତି। ତେବେ ଫିଲ୍ମଟିର ଶୁଟିଂ ସମୟରେ ହିଁ ସିଦ୍ଧାନ୍ତ ପୂର୍ବାନୁମାନ କରିଥିଲେ ଯେ, ସିନେମାଟି ଦର୍ଶକଙ୍କ ମନକୁ ଛୁଇଁବ। ଆଉ ଏବେ ତାହା ସତ ହେଇଛି। ସିଦ୍ଧାନ୍ତ କୁହନ୍ତି, 'ଫିଲ୍ମଟି କିପରି ସବୁ ଦିଗରୁ ସରସ ସୁନ୍ଦର ହେବ ସେ ନେଇ ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଥିଲେ। ତେଣୁ ଆଜି ଫିଲ୍ମଟି ଗ୍ରହଣୀୟ ହୋଇପାରିଛି। ମୋ ମତରେ ଏଇଭଳି ସିନେମା ନିର୍ମାଣ ହେଲେ ହିଁ ଦର୍ଶକମାନେ ପୁଣି ଥରେ ପ୍ରେକ୍ଷାଳୟମୁହାଁ ହେବେ।' ସୂଚନାଯୋଗ୍ୟ ରଶ୍ମିପ୍ରଭା ପାଣିଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ।

# ଯାହା ଚାହୁଁଥିଲେ ସାରା

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ସାରା ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ସିନ୍ ଯୋଡିବାକୁ  ପରାମର୍ଶ ଦେଇଥିଲେ। ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ପ୍ରଯୋଜକ ବିଚାର ବିମର୍ଷ କରିଥିଲେ। ନିକଟରେ ଏଭଳି କଥାର ପରିସମାପ୍ତି ଘଟିଛି। ଏ ସମ୍ପର୍କରେ ସାରା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋ' ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।' ତେବେ ଏହି ଭୂମିକା ସାରାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


ତାପସୀ

# 'ରକି' ପ୍ରିମିୟରକୁ ଭୁଲିପାରିବିନି

ସଞ୍ଜୟ ଦତ୍ତଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ରକି'। ଏହି ଫିଲ୍ମଟିର ପ୍ରିମିୟରର କିଛି  ଦିନ ପୂର୍ବରୁ ଏକ ଘଟଣା ଘଟିଥିଲା, ଯାହାକୁ ସଞ୍ଜୟ କଦାପି ଭୁଲିପାରିବେ ନାହିଁ। କାରଣ ସେତେବେଳେ ତାଙ୍କର ମା' ତଥା ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ନର୍ଗିସ କ୍ୟାନ୍‌ସରରେ ପୀଡିତା ଥିଲେ। ଏପରି କି ଫିଲ୍ମଟି ରିଲିଜ ହେବାର କିଛି ଦିନ ପୂର୍ବରୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଶେଷରେ 'ରକି' ରିଲିଜ ହେବାର ମାତ୍ର ପାଞ୍ଚ ଦିନ ପୂର୍ବରୁ ନର୍ଗିସଙ୍କର ପରଲୋକ ଘଟିଥିଲା। ଏ ନେଇ ସଞ୍ଜୟ କହନ୍ତି, 'ମୋ ଅଭିନୀତ ପ୍ରଥମ ସିନେମାକୁ ନେଇ ମୁଁ ବେଶ୍ ଆଶାବାଦୀ ଥିଲି। ଗୋଟିଏ ପଟେ ଡେବ୍ୟୁ ଫିଲ୍ମକୁ ନେଇ ଖୁସି ହେଲେ ସେପଟେ ମମିଙ୍କ ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ଟେନସନରେ ଥିଲି। ଆଶା ରଖିଥିଲି ମୋ ପ୍ରଥମ ସିନେମାର ପ୍ରିମିୟରକୁ ମୁଁ ତାଙ୍କୁ ନେବି। ହେଲେ ଏହାର ଠିକ୍ ପାଞ୍ଚ ଦିନ ପୂର୍ବରୁ ସେ ଆମକୁ ଛାଡି ସବୁଦିନ ପାଇଁ ଚାଲିଯାଇଥିଲେ। ଏକଥାକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ।' ସୂଚନାଯୋଗ୍ୟ ଶାହରୁଖ ଖାଁଙ୍କ ଅଭିନୀତ ତଥା ଚଳିତ ବର୍ଷ ଜୁନ୍ ୨ରେ ରିଲିଜ ହେଉଥିବା 'ଜୱାନ'ରେ ସଞ୍ଜୟ ଦତ୍ତ  ଅଭିନୟ କରିଛନ୍ତି।


ସଞ୍ଜୟ

## ପ୍ରଥମ ରୋଜଗାର

**କବି, ସ୍ତମ୍ଭକାର ତଥା ଇଣ୍ଡଷ୍ଟ୍ରିଆଲ୍ ନାନୋ କୋଟିଂରେ ମାର୍କେଟିଂ କନ୍ସଲଟାଣ୍ଟ ଭାବେ କାର୍ଯ୍ୟରତ ମାନସ ରଞ୍ଜନ ନାୟକଙ୍କ ପ୍ରଥମ ରୋଜଗାର ସମ୍ପର୍କରେ...**



# ବୋଉକୁ ଶାଢୀ, ବାପାଙ୍କୁ ପ୍ୟାଣ୍ଟଶାର୍ଟ ଦେଇଥିଲେ

ଘର ତାଙ୍କର ଭଦ୍ରକ ଜିଲାର ମଞ୍ଜୁରୀ ରୋଡ୍‌ରେ। ଦିନେ ସିଏ ସ୍ୱପ୍ନ ଦେଖିଥିଲେ ଡାକ୍ତର ହେବା ପାଇଁ। କିନ୍ତୁ ସେହି ସ୍ୱପ୍ନ ତାଙ୍କର ସିଥିଳ ପଡିଯାଇଥିଲା ଯୁକ୍ତ ତିନି ବିଜ୍ଞାନ ପରେ, ଦ୍ୱିତୀୟ ଥର ପାଇଁ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ। ତା’ପରେ ନିଷ୍ପତ୍ତି ନେଲେ ଏମ୍.ବି.ଏ. ପଢିବାକୁ। ପଢା ପରେ ୨୦୦୫ରେ ଲୁପିନ୍ ଫାର୍ମାସ୍ୟୁଟିକାଲ୍‌ରେ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଭାବେ ତାଙ୍କୁ ନିଯୁକ୍ତି ମିଳିଲା। ପୁଅର ଚାକିରି ଖବର ଶୁଣି ବାପାବୋଉ ଖୁସି ଥିଲେ ହେଁ ଚାକିରି କ୍ଷେତ୍ର ମୁମ୍ବାଇ ହୋଇଥିବା ଯୋଗୁ ମନଦୁଃଖ ବି କରୁଥିଲେ। ଚାହୁଁ ଚାହୁଁ ମାସଟିଏ ବିତିଗଲା। ମାସେ ପରେ ମାନସଙ୍କୁ ୨୦ ହଜାର ଟଙ୍କା ଦରମା ମିଳିଲା। ଘରକୁ ଫୋନ୍ କରି ଜଣାଇବାରୁ ବାପାବୋଉ ଖୁସି ହେଲେ ଆଉ ଅପେକ୍ଷା କରି ରହିଲେ ପୁଅ କେବେ ଘରକୁ ଆସିବ। କାହାକୁ କିଛି ନ ଜଣାଇ ସରପ୍ରାଇଜ୍ ଦେବା ପାଇଁ ହଠାତ୍ ଦିନେ ମାନସ ଆସି ଘରେ ପହଁଞ୍ଚିଲେ। ଖାଇପିଇ ସାରିଲାପରେ ବୋଉକୁ ନେଇ ଚମ୍ପାରଙ୍ଗର ପାଟଶାଢୀଟିଏ ଦେଇ କହିଲେ, ‘ବୋଉ ଦେଖେ ତ, ତୋର ଏଇଟା ପସନ୍ଦ ହେଉଛି ନା! ଭଲ ନ ଲାଗିଲେ ବି ରଖିବୁ ଫେରେଇବୁନି ଜମା। ପରେ ପଛେ ଆଉ ଗୋଟେ ଆଣିଦେବି।’ କାରଣ ତାଙ୍କ ବୋଉଙ୍କର ଶାଢୀ ପ୍ରତି ଥିଲା ଖୁବ୍ ଦୁର୍ବଳତା, କାହାର ପସନ୍ଦ ତାଙ୍କୁ ୧୦୦ ପ୍ରତିଶତ ଛୁଏଁନା ଜମା। କିନ୍ତୁ ଏଥର ପୁଅ ଦେଇଥିବା ଶାଢୀଟି ତାଙ୍କର ପସନ୍ଦ ହୋଇଥିଲା କି କ’ଣ, ଏକ ଅଭିଭୂତ ଭାବ ମୁହଁରେ ଫୁଟାଇ ଆବେଗର କମ୍ପିତ ହାତଟିକୁ ଶାଢୀଟି ଉପରେ ବୁଲାଇ ଆଣି ଦୁଇ ଟୋପା ଲୁହ ନିଗାଡ଼ି ଦେଇଥିଲେ ଓ ଅସ୍ପଷ୍ଟ ସ୍ୱରରେ ପୁଅକୁ ପଚାରିଲେ, ‘ବାପାଙ୍କ ପାଇଁ କ’ଣ ଆଣିଛୁ, ତାଙ୍କୁ ଦେଖେଇଲୁଣି ?’ ହେଲେ ବାପାଙ୍କୁ ସାମନା କରି ଉପହାର ଦେବାକୁ ସଂକୋଚବୋଧ କରୁଥିଲେ ମାନସ। ସେଥିସକାଶେ ବାପାଙ୍କ ପାଇଁ ଆଣିଥିବା ଫିକା ଆକାଶିଆ ରଙ୍ଗର ଶାର୍ଟ ଓ ଗାଢ ନୀଳରଙ୍ଗର ପ୍ୟାଣ୍ଟ ଥିବା କାଗଜ ଖୋଳକୁ ଆଣି ବୋଉ ହାତରେ ଦେଇ ଅଳି କଲାଭଳି କହିଲେ, ‘ବାପାଙ୍କୁ ପ୍ଲିଜ୍ ଦେଇଦେ, କହିବୁ ତୁ ମୋତେ କହିଥିଲୁ ତାଙ୍କ ପାଇଁ ହଳେ ଭଲ ପୋଷାକ ଆଣି ଦେବାପାଇଁ। ତୁ ଦେଲେ ସେ ତୋ ଉପରେ ଅଳ୍ପ ବିରକ୍ତି ହେବେ କିନ୍ତୁ ମୁଁ ଦେଲେ କେଜାଣି କ’ଣ କହିବେ ?’ ପୁଅର ମନ ରଖି ତାଙ୍କ ବୋଉ ସେଦିନ ପ୍ୟାଣ୍ଟଶାର୍ଟ ଥିବା ଖୋଳଟିକୁ ନେଇ ତାଙ୍କ ବାପାଙ୍କ ଆଲମାରୀରେ ରଖିଦେଲେ ଏବଂ ଖଟ ଉପରେ ଖବରକାଗଜ ପଢୁଥିବା ମାନସଙ୍କ ବାପାଙ୍କୁ ତାଙ୍କ ପରାମର୍ଶ ଅନୁଯାୟୀ ସବୁ କଥା ଉଚ୍ଚ ସ୍ୱରରେ କହିଦେଇ ରୋଷେଇ ଘରକୁ ଚାଲିଗଲେ। କିଛି ସମୟ ପରେ ତାଙ୍କ ବାପା ଧିର ମନ୍ଥର ପାଦରେ ଆଲମାରୀ ଖୋଲି, ଖୋଳଟିକୁ ଖଟ ଉପରେ ରଖି ଛଳ ଛଳ ଆଖିରେ ଦେଖିନେଲେ ଓ ଆଲମାରୀ ପରିବର୍ତ୍ତେ ଆଲଣାରେ ତାଙ୍କର କଡ଼ା ଆଇରନ୍ ଦିଆ ପୋଷାକଗୁଡ଼ିକ ସହ ଟାଙ୍ଗି ଦେଲେ। ପରଦିନ ସକାଳେ ମାନସ ଜାଣିଶୁଣି ଘରୁ ବାହାରି ପାଖ ଛକ ନିକଟରେ ଖବରକାଗଜ ଆଣିବା ଛଳରେ ବାପାଙ୍କ ସାଇକେଲ୍‌କୁ ଅପେକ୍ଷା କରି ରହିଥିଲେ। ସବୁଦିନ ପରି ଠିକ୍ ୯.୧୫ ବେଳକୁ ତାଙ୍କ ବାପାଙ୍କ ସାଇକେଲ ଦେଖାଗଲା ସ୍କୁଲଯିବା ରାସ୍ତାରେ। ତାଙ୍କ ଦେହରେ ଥିଲା ପୁଅ ଦେଇଥିବା ନୂଆ ପ୍ୟାଣ୍ଟଶାର୍ଟ ହଳକ ; ଯାହାକୁ ଦେଖି ସେଦିନ ମାନସ ଖୁବ୍ ଆତ୍ମସନ୍ତୋଷ ପାଇଥିଲେ।

# ଚୋରା ଚାହାଣୀର ଭିତିରି କଥା, ଭାବିଲେ ଘୁରାଇ ଦିଅଇ ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀର ଚୋରା ଚାହାଣୀରେ ମୁଁ ଘାଇଲା। ଏହି ସମୟରେ ପ୍ରେମ ଷ୍ଟାର୍ଟ କରିବା ଠିକ୍ ହେବ କି ? *–ଅମିତ ସାହୁ, ବଲାଙ୍ଗୀର*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। ‘ଚୋରା ଚାହାଣୀର ଭିତିରି କଥା, ଭାବିଲେ ଘୁରାଇ ଦିଅଇ ମଥା’। ଯଦି ସେହି ଚୋରା ଚାହାଣୀକୁ ଭଲ ଭାବରେ ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରିବାର ହୁଏତ ଆବଶ୍ୟକତା ନାହିଁ। ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ମୋ ଠାରୁ ବୟସରେ ବଡ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ କ’ଣ କରିବି ଜାଣିପାରୁନି। –ଅମିତାଭ, ବୁର୍ଲା

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ତାହା ଦେଖି ନେବାର ଥିଲା। ଏବେ ଏହା ଆପଣଙ୍କ ପ୍ରେମ ରାସ୍ତାରେ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ହେଲେ ଗୋଟିଏ କଥା ମନେ ରଖିବା ଦରକାର–ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ’ଣ କରିବି ? –ପ୍ରତାପ କୁମାର, ଅନୁଗୋଳ

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ସମ୍ଭବ ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ? –ଅଜିତ ନାୟକ, ଜଗତସିଂହପୁର

**ଉତ୍ତର:** ଜଣେ ଝିଅର ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲ୍‌କା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲିଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ? –ଦୀପକ, ପୁରୀ

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ’ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳୁଦୂଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିଦିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତା ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।



# ଶିଶୁ ପାଇଁ ପ୍ରଥା



**ଶିଶୁଟିଏ ଜନ୍ମ ହେବାପରେ ଘର ହସଖୁସିରେ ପୁରି ଉଠେ। ତା'ର ହସକାନ୍ଦ ଭୁଲେଇ ଦିଏ ସବୁ ଦୁଃଖକଷ୍ଟ। ତେବେ ଜାଣନ୍ତିକି ଶିଶୁ ଜନ୍ମ ହେବାକୁ ନେଇ ବିଭିନ୍ନ ସ୍ଥାନରେ ରହିଛି ନାନା ପ୍ରକାରର ଅଜବ ପ୍ରଥା ଓ ପରମ୍ପରା। ଜାଣନ୍ତୁ ସେ ସମ୍ପର୍କରେ...**

**ଶିଶୁ କପାଳରେ ବୋଳାଯାଏ କେକ୍:** ଆୟର୍ଲାଣ୍ଡରେ ଶିଶୁ ଜନ୍ମକୁ ନେଇ ଏକ ଅଜବ ପ୍ରଥା ଅଛି। ଏହି ପ୍ରଥା ଶିଶୁ ଜନ୍ମ ହେବା ସଙ୍ଗେ ସଙ୍ଗେ ପାଳନ କରାଯାଇ ନ ଥାଏ। ନବବିବାହିତ ଦମ୍ପତି ନିଜ ୱେଡିଂ କେକ୍‌ରୁ କିଛିକୁ ରଖିଥାନ୍ତି। ପ୍ରଥମ ସନ୍ତାନ ହେବାର କିଛି ଦିନ ପରେ ସେହି କେକ୍‌କୁ ଶିଶୁର କପାଳରେ ଲଗାଯାଏ। ବିଶ୍ୱାସ ରହିଛି ଏଭଳି କଲେ ଶିଶୁର ଭାଗ୍ୟ ଚମକି ଥାଏ ଓ ସେ ଦୀର୍ଘାୟୁ ହୁଏ।

**ମା'ଛୁଆ ରୁହନ୍ତି ଅଲଗା:** ଚାଇନାର ଅନେକ ସ୍ଥାନରେ ଜୁଓ ୟୁଏଜି ନାମକ ପ୍ରଥା ପାଳନ କରାଯାଏ। ଏଥିରେ ନବଜାତ ଶିଶୁ ଓ ମା'କୁ ଏକ ମାସ ପର୍ଯ୍ୟନ୍ତ ବାହାରକୁ ଯିବାକୁ ଦିଆଯାଏ ନାହିଁ। କାରଣ ଏଠାରେ ବିଶ୍ୱାସ ରହିଛି ଯେ, ନବଜାତ ଶିଶୁ ଓ ମା'ଙ୍କ ରୋଗ ପ୍ରତିଶେଧକ ଶକ୍ତି କମ୍ ଥାଏ। ତେଣୁ ବାହାରକୁ ଯିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। ଆଉ ଏହି ସମୟରେ ମା'ଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦିଆଯିବା ସହ କମ୍ ଗାଧୋଇବା ପାଇଁ କୁହାଯାଏ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମା'ଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆଣେ। ଆଉ କମ୍ ଗାଧୋଇବା ଦ୍ୱାରା ସନ୍ତାନ ପ୍ରସବ ପାଇଁ ହୋଇଥିବା କ୍ଷତ ଶୀଘ୍ର ସୁଖିଥାଏ।



**ପ୍ରଥମ ହସରେ ଉତ୍ସବ:** ଆମେରିକାର ଦକ୍ଷିଣପଶ୍ଚିମ ଭାଗରେ ଆମେରିକାର ମୂଳ ନିବାସୀ ନବାଜୋ ସମ୍ପ୍ରଦାୟର ଲୋକ ରୁହନ୍ତି। ଏହି ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଥା ବହୁ ପୁରୁଣା। ଏମାନଙ୍କର ବିଶ୍ୱାସ ରହିଛି ଯେ, ନବଜାତ ଶିଶୁ ଅଧା ସାଂସାରିକ ଦୁନିଆରେ ରହିବାବେଳେ ଅଧା ଆତ୍ମା ଦୁନିଆରେ ରୁହନ୍ତି। ତେବେ ପ୍ରଥମକରି ଯେବେ ଶିଶୁ ଖିଲି ଖିଲି ହୋଇ ହସେ, ତାହା ସଙ୍କେତ ଦିଏ କି ଶିଶୁଟି ପୁରାପୁରି ଏ ଦୁନିଆର ହୋଇଗଲା। ତେଣୁ ଶିଶୁର ପ୍ରଥମ ହସ ପାଇଁ ଏମାନେ ଉତ୍ସବ ପାଳନ କରନ୍ତି। ଯିଏ ଶିଶୁକୁ ପ୍ରଥମେ ହସାଏ ତାକୁ ହିଁ ଉତ୍ସବ ଆୟୋଜନ ପାଇଁ ଅର୍ଥ ଦେବାକୁ ପଡେ।



**ଶିଶୁ ଉପରେ ପକାନ୍ତି ଛେପ:** ମୌରିଟାନିଆରେ ରହୁଥିବା ୱୋଲୋଫ ସମ୍ପ୍ରଦାୟର ଲୋକମାନେ ଶିଶୁ ଜନ୍ମ ହେବା ପରେ ତା' ଉପରେ ଛେପ ପକାନ୍ତି। ଏହାକୁ ଏଠାରେ ଅପମାନ ଭାବେ ନୁହେଁ ବରଂ ଆଶୀର୍ବାଦ ଭାବେ ବିବେଚନା କରାଯାଏ। ଏଠାକାର ବିଶ୍ୱାସ ରହିଛି ଯେ, ମଣିଷ କହୁଥିବା ଶବ୍ଦ ତା'ର ଛେପ ସହିତ ଜଡିତ। କଥା କହିଦେବା ପରେ ଶବ୍ଦଗୁଡିକ ବାହାରକୁ ଆସୁଥିବା ଛେପରେ ରହିଥାଏ। ତେଣୁ ଶିଶୁ ଜନ୍ମ ହେବା ପରେ ଏଠାକାର ଲୋକ ଆଶୀର୍ବାଦ ଦେବା ସହ ଛେପ ପକାନ୍ତି। ଯାହାଦ୍ୱାରା କି ସେହି ଆଶୀର୍ବାଦ ସବୁ ଛେପ ସହ ଶିଶୁ ଦେହରେ ଲାଗି ରହିବ। ବେଳେବେଳେ ତ ମା'ବାପା ସେହି ଛେପକୁ ଶିଶୁର ପୁରା ଶରୀରରେ ଲେପି ଦିଅନ୍ତି।

**ଶିଶୁକୁ ଭୂମି ସ୍ପର୍ଶ କରାଯାଏନା :** ବାଲୀରେ ଶିଶୁ ଜନ୍ମ ହେବାର ତିନି ମାସ ପର୍ଯ୍ୟନ୍ତ ତାକୁ ଭୂମି ଉପରେ ରଖାଯାଏ ନାହିଁ। ଏଠାରେ ବିଶ୍ୱାସ ରହିଛି ଯେ, ଶିଶୁ ହେଉଛନ୍ତି ସବୁଠାରୁ ଶୁଦ୍ଧ ଓ ପବିତ୍ର। ଆଉ ଭୂମି ଅଶୁଦ୍ଧ। ତେଣୁ ଶିଶୁକୁ ଭୂମି ଉପରେ ରଖିଲେ ଶିଶୁଙ୍କ ଶୁଦ୍ଧତା ଭଙ୍ଗ ହେଇଯିବ। ଶିଶୁ ୩ ମାସର ହେବା ପରେ ଏକ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବ ପରେ ଶିଶୁକୁ ପ୍ରଥମ ଥର ଭୂମି ସ୍ପର୍ଶ କରାଯାଏ।

**ପ୍ଲାସେଣ୍ଟା ଖାଇବା ପ୍ରଥା:** ଗର୍ଭ ଭିତରେ ଥିବାବେଳେ ପ୍ଲାସେଣ୍ଟା ମାଧ୍ୟମରେ ଶିଶୁ ପୋଷଣ ପାଏ ଓ ସୁରକ୍ଷିତ ରହେ। ତେବେ ଜାଣନ୍ତି କି ଜମାଇକା, ଚାଇନା ଭଳି କିଛି ସ୍ଥାନରେ ଶିଶୁ ଜନ୍ମ ହେବାପରେ ପ୍ଲାସେଣ୍ଟା ଖାଇବାର ପ୍ରଥା ରହିଛି। ପୂର୍ବରେ ଥିବା କିଛି ଦେଶରେ ବିଶ୍ୱାସ କରାଯାଏ ଯେ,ପ୍ଲାସେଣ୍ଟା ଖାଇଲେ ଆଧ୍ୟାତ୍ମିକ ଲାଭ ହୁଏ। ଅନ୍ୟପକ୍ଷେ ପଶ୍ଚିମରେ ଥିବା କିଛି ଦେଶରେ ବିଶ୍ୱାସ ରହିଛି, ପ୍ଲାସେଣ୍ଟାକୁ ମା' ଖାଇଲେ ତାଙ୍କୁ ଲାଭକାରୀ ହରମୋନ ଓ ପୋଷକତତ୍ତ୍ୱ ମିଳେ। କିନ୍ତୁ ନାଇଜେରିଆ ଓ ଘାନାରେ ପ୍ଲାସେଣ୍ଟାକୁ ପବିତ୍ର ମନେ କରନ୍ତି। ସେମାନଙ୍କର ବିଶ୍ୱାସ ଯେ, ପ୍ଲାସେଣ୍ଟା ହେଉଛି ନବଜାତ ଶିଶୁର ଯମଜ ରୂପ। ଯିଏକି ଜନ୍ମ ହେବା ପରେ ପରେ ମରିଯାଏ। ତେଣୁ ତାକୁ ବେଶ୍ ଆଦରର ସହ ପୋତି ଦିଆଯାଏ। ଖାସ୍‌କରି ଏହାକୁ ଗଛମୂଳରେ ପୋତାଯାଏ।

**ପ୍ରସବ ଯନ୍ତ୍ରଣା ଶୁଭ:** ଜାପାନରେ ପ୍ରସବଜନିତ ଯନ୍ତ୍ରଣାକୁ ଶୁଭ ଭାବେ ବିବେଚନା କରାଯାଏ। ଯେଉଁ ମହିଳା ଯେତେ ଅଧିକ ଯନ୍ତ୍ରଣା ସହିପାରନ୍ତି ସେ ସେତେଭଲ ମା'ହେଇପାରିବେ ବୋଲି ବିଶ୍ୱାସ ରହିଛି।










## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ୍ ଭିଲ୍ଲା

## ହାଃ ହାଃ

### ଶେଷ ଇଚ୍ଛା

ଜଜ୍ ସାହେବ ମୋହନକୁ ଫାଶୀ ଦଣ୍ଡାଦେଶ ଦେଲେ। ଫାଶୀ ଦିନ ଜଜ୍ ସାହେବ: ତୁମର ଶେଷ ଇଚ୍ଛା କ'ଣ କୁହ ?
ମୋହନ: ମୋର ଇଚ୍ଛା ଆପଣ ମୋ ସ୍ଥାନରେ ଫାଶୀଖୁଣ୍ଟରେ ଝୁଲନ୍ତୁ।

### ପୁଅ

ସୋନି ରାନୀକୁ: ତୁ କେମିତିଆ ପୁଅକୁ ବାହା ହେବୁ ?
ରାନୀ: ଏମିତିଆ ପୁଅ, ଯିଏକି ବେଶି ଖାଉ ନ ଥିବ। ମୁଁ ଯାହା କଲେ କିଛି କହୁ ନ ଥିବ।
ସୋନି: ଏମିତି ପୁଅ ତତେ କେବଳ ଆଇସିୟୁରେ ମିଳିବ।

### ବିଏମ୍‌ଡବ୍ଲ୍ୟୁ

ମୋନା ରୋଶନୀକୁ: କାଲି ତମେ କିଟି ପାର୍ଟିକୁ କାହିଁକି ଆସି ନ ଥିଲ ?
ରୋଶନୀ: କଥା କ'ଣ କି କାଲି ମୋର ବିଏମ୍‌ଡବ୍ଲ୍ୟୁ ଆସି ନ ଥିଲା।
ମୋନା: ବିଏମ୍‌ଡବ୍ଲ୍ୟୁ ଗାଡି କେବେ ଆଣିଲ !
ରୋଶନୀ: ଆରେ ନା କାଲି ମୋ' 'ବାସନ ମଜା ବାଲୀ' ଆସି ନଥିଲା।

# ସୌନ୍ଦର୍ଯ୍ୟର ଗନ୍ତାଘର ରତ୍ନାଗିରି



ଦକ୍ଷିଣ-ପଶ୍ଚିମ ମହାରାଷ୍ଟ୍ରର ଏକ ଆକର୍ଷଣୀୟ ସହର ହେଉଛି ରତ୍ନାଗିରି। ଆଲ୍‌ଫୋନ୍‌ସୋ ନାମକ ଏକ ଆମ୍ବ ଚାଷ ପାଇଁ ଏହି ସ୍ଥାନର ରହିଛି ବେଶ୍ ଖ୍ୟାତି। ପାହାଡପର୍ବତ, ଝରଣା ଦ୍ୱାରା ଘେରି ହୋଇ ରହିଥିବା ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ସରଳ ଭାଷାରେ କହିଲେ, ପର୍ଯ୍ୟଟକଙ୍କ ମନକୁ ମୋହିଲା ଭଳି ସ୍ଥାନଟିଏ ହୋଇଥିବାରୁ ଅଧିକାଂଶ ସମୟରେ ଏଠାରେ ଆଗନ୍ତୁକଙ୍କର ଭିଡ଼ ଜମୁଥିବାର ଦେଖିବାକୁ ମିଳିଥାଏ।



### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ରତ୍ନାଗିରି ଦିନେ ସତାରା ରାଜାଙ୍କ ଅଧିନରେ ଥିଲା। ପରେ ଏହା ଇଂରେଜଙ୍କ ହାତକୁ ଗଲା। ସେଥିପାଇଁ ରତ୍ନାଗିରିର ଇତିହାସ ବେଶ୍ ସମୃଦ୍ଧ।

### କେବେ ଯିବେ

ଏଠାକାର ଜଳବାୟୁ ବର୍ଷସାରା ଖୁବ୍ ଅନୁକୂଳ ରହିଥାଏ, ଯଦ୍ଦ୍ୱାରା ବର୍ଷ ତମାମ୍ ଏଠାରେ ପର୍ଯ୍ୟଟକଙ୍କର ଭିଡ ପରିଲକ୍ଷିତ ହୋଇଥାଏ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଥାଏ।

### କେମିତି ଯିବେ

ରତ୍ନାଗିରିକୁ ଯିବା ପାଇଁ ଉଭୟ ସଡ଼କପଥ, ରେଳପଥର ସୁବ୍ୟବସ୍ଥା ରହିଛି। କୋନ୍‌କାନ୍ ରେଲୱେ ରୁଟ୍ ହେଉଛି ଏହାର ମୁଖ୍ୟ ରେଳହେଡ୍ ; ଯେଉଁଠାକୁ ମୁମ୍ବାଇ, ନୂଆ ଦିଲ୍ଲୀ, ଅମ୍ରିତସର, ଚଣ୍ଡିଗଡ଼, ଡେରାଡୁନ୍, ଜୟପୁର, ଜୋଧପୁର, ଅହମ୍ମଦାବାଦ୍, ପୁଣେ ଆଦି ସ୍ଥାନରୁ ପର୍ଯ୍ୟଟକ ରେଳଯୋଗେ ଆସି ପହଞ୍ଚିପାରିବେ। ଅନ୍ୟପକ୍ଷେ ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଉକ୍ତ ସହରକୁ ଯା'ଆସ କରିଥାଏ। ପର୍ଯ୍ୟଟକ ଚାହିଁଲେ ଏଥିରେ ମଧ୍ୟ ଯାଇ ଆରାମରେ ରତ୍ନାଗିରିରେ ପହଞ୍ଚିପାରିବେ।

### କ'ଣ ଦେଖିବେ

ରତ୍ନାଗିରି ଓ ଏହାର ଆଖପାଖ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ରତ୍ନାଗିରି ଦୁର୍ଗ, ଜୟଗଢ ଦୁର୍ଗ, ବୌଦ୍ଧ ମଠ, ଥିବା ମହଲ, ମାଲଗୁଣ୍ଡ, ପାୱସ, ବେଲନେଶ୍ୱର, ଗଣପତି ପୁଲେ ଇତ୍ୟାଦି। କେବଳ ସେତିକି ନୁହେଁ, ପର୍ଯ୍ୟଟକ ରତ୍ନାଗିରିରେ କେତେକ ଛୋଟବଡ଼ ପାହାଡ଼ ଓ ସେଥିରୁ ବୋହି ଆସୁଥିବା ଝରଣାର ଅପୂର୍ବ ସୌନ୍ଦର୍ଯ୍ୟକୁ ମଧ୍ୟ ମନଭରି ଉପଭୋଗ କରିପାରିବେ।

### ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ

ରତ୍ନାଗିରିରେ ଥିବା ପାହାଡର ଶୀର୍ଷଭାଗରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ଦେଖିବାକୁ ବି ବେଶ୍ ଆକର୍ଷଣୀୟ ଲାଗିଥାଏ।

### ଟ୍ରେକିଂର ମଜା ନେଇହେବ

ରତ୍ନାଗିରିରେ ଅନେକ ଟ୍ରେକିଂ ପଏଣ୍ଟ ବି ରହିଛି। ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ଗଲେ ପର୍ଯ୍ୟଟକ ଟ୍ରେକିଂର ଭରପୂର ମଜା ନେଇପାରିବେ।





# ସିଲିଂ ଫ୍ୟାନ୍



**ଦିନ ଥିଲା ଲୋକେ ଗରମରୁ ରକ୍ଷା ପାଇବା ପାଇଁ ହାତପଙ୍ଖାର ବ୍ୟବହାର କରୁଥିଲେ। ପ୍ରାଚୀନ ମିଶର, ଜାପାନ ଓ ଚାଇନାରେ ହସ୍ତ ଚାଳିତ ପଙ୍ଖା ବ୍ୟବହାର କରାଯାଇଥିବାର ପ୍ରମାଣ ବି ମିଳିଛି। ତେବେ ଆଜିକାର ସିଲିଂ ଫ୍ୟାନ୍ ଯାହା ଲୋକଙ୍କୁ ପ୍ରବଳ ଗରମରୁ ରକ୍ଷା କରୁଛି ତାକୁ କିଏ ଓ କେବେ ତିଆରି କରିଥିଲେ ଜାଣନ୍ତିକି?**

ଖ୍ରୀଷ୍ଟପୂର୍ବ ୫୦୦ ବେଳକୁ ଭାରତରେ ହାତପଙ୍ଖା ବ୍ୟବହାର କରାଯାଉଥିବା ପ୍ରମାଣ ରହିଛି। ଆଉ ବ୍ରିଟିଶ ଶାସନ ସମୟରେ ଛାତରେ ଝୁଲି ରହୁଥିବା ବଡ଼ ବଡ଼ ପତଳା ପଙ୍ଖା ବ୍ୟବହାର ହେବା ଆରମ୍ଭ ହୋଇଥିଲା, ଯାହାକୁ କିଛି ଲୋକ ହାତରେ ଟାଣି ପବନ ପ୍ରଦାନ କରୁଥିଲେ। ୧୮୪୯ରେ ୱିଲିୟମ୍ ବ୍ରୁନଟୋନ ନାମକ ବୈଜ୍ଞାନିକ ୬ ମିଟର ବ୍ୟାସାର୍ଦ୍ଧବିଶିଷ୍ଟ ଏକ ବାଷ୍ପଚାଳିତ ଫ୍ୟାନ୍ ଡିଜାଇନ୍ କରିଥିଲେ। ଆଉ ୧୮୮୨ରୁ ୧୮୮୬ ମଧ୍ୟରେ ଶୁଲର୍ ଏସ୍ ହ୍ୱିଲର୍ ସର୍ବପ୍ରଥମେ ବିଦ୍ୟୁତ୍ ଚାଳିତ ପଙ୍ଖାର ଆବିଷ୍କାର କରିଥିଲେ। ସେ ଜଣେ ଆମେରିକୀୟ ବୈଜ୍ଞାନିକ ଓ ଇଞ୍ଜିନିୟର ଥିଲେ। ସେ ଥମାସ୍ ଆଲ୍‌ଭା ଏଡିସନ୍‌ଙ୍କ ୱାର୍କଶପ୍‌ରେ ସହାୟକ ଇଞ୍ଜିନିୟରଭାବେ କାମ କରିଥିଲେ। ସେ ଯେଉଁ ପଙ୍ଖା ତିଆରି କରିଥିଲେ ସେଥିରେ କେବଳ ଦୁଇଟି ବ୍ଲେଡ୍ ଥିଲା। ଦୁଇଟି ଯାକ ବ୍ଲେଡ୍ ଏକ ପ୍ରପେଲର୍ ସାଫ୍ଟ ସହ ଲାଗିରହିଥିଲା। ଆଉ ସାଫ୍ଟଟି ଏକ ବୈଦ୍ୟୁତିକ ମୋଟର ସହିତ କନେକ୍ଟେଡ ଥିଲା। ଶୁଲର୍ ବୈଦ୍ୟୁତିକ ପଙ୍ଖା ବ୍ୟତୀତ ଏକ ଏଲିଭେଟର୍ ବି ଆବିଷ୍କାର କରିଥିଲେ। ଶୁଲର୍‌ଙ୍କ ଆବିଷ୍କାରର





କିଛିବର୍ଷ ପରେ ଫିଲିପ ହେଡେଲ ପୃଥିବୀର ପ୍ରଥମ ସିଲିଂ ଫ୍ୟାନ ଆବିଷ୍କାର କରିଥିଲେ। ସେ ବ୍ଲେଡଗୁଡିକୁ ମୋଟରରେ ହିଁ ଲଗାଇ ଦେଇଥିଲେ। ଫିଲିପ ମଧ୍ୟ ଥମାସ ଆଲ୍‌ଭା ଏଡିସନ୍‌ଙ୍କ ୱାର୍କଶପ୍‌ରେ କାମ କରୁଥିଲେ। ୧୯୦୯ରେ ଜାପାନର କେଡିକେ କମ୍ପାନୀ ଘରୋଇ ବ୍ୟବହାର ପାଇଁ ଏହି ବୈଦ୍ୟୁତିକ ଫ୍ୟାନ୍‌ର ମାସ୍ ପ୍ରଡକ୍ସନ ଆରମ୍ଭ କରିଥିଲା। ୧୯୨୦ ମସିହା ବେଳକୁ ଶିଳ୍ପର ବିକାଶ ଯୋଗୁ ବିଭିନ୍ନ ଡିଜାଇନ୍‌ର ଷ୍ଟିଲ୍ ଫ୍ୟାନ୍‌ର ମାସ୍ ପ୍ରଡକ୍ସନ ହେଲା। ଫଳରେ ବୈଦ୍ୟୁତିକ ପଙ୍ଖାର ମୂଲ୍ୟ କମିଲା। ଆଉ ଅଧିକରୁ ଅଧିକ ଲୋକ ଏହାକୁ ନିଜ ଘରେ ବ୍ୟବହାର କରିପାରିଲେ। ୧୯୪୦ ବେଳକୁ ଭାରତୀୟ କ୍ରମ୍ପଟନ୍ ଗ୍ରିଭ୍ କମ୍ପାନୀ ପୃଥିବୀର ସବୁଠାରୁ ବଡ଼ ବୈଦ୍ୟୁତିକ ସିଲିଂ ଫ୍ୟାନ୍ ନିର୍ମାତା ପାଲଟିଯାଇଥିଲା। ୧୯୫୦ବେଳକୁ ଟେବୁଲ୍ ଫ୍ୟାନ୍, ଷ୍ଟାଣ୍ଡ ଫ୍ୟାନ୍ ବିଭିନ୍ନ ଡିଜାଇନ୍ ଓ ରଙ୍ଗରେ ବହୁଳ ମାତ୍ରାରେ ନିର୍ମାଣ ହେଲା। ୧୯୯୮ରେ ୱିଲିୟମ ଫେୟାରବ୍ୟାଙ୍କ ଓ ୱାଲ୍ଟର କେ ବୟଡ ହାଇ ଭଲ୍ୟୁମ ଲୋ ସ୍ପିଡ ସିଲିଂ ଫ୍ୟାନ୍ ଉଦ୍ଭାବନ କଲେ। ଯାହା କମ୍ ବିଦ୍ୟୁତ୍ ଖର୍ଚ୍ଚରେ ଚାଲିବା ସହ ଅଧିକ ପବନ ଦେବାରେ ସକ୍ଷମ ଥିଲା। ଏବେ ତ କମ୍ ବିଦ୍ୟୁତ୍ ଖର୍ଚ୍ଚରେ ବିଭିନ୍ନ ପ୍ରକାର ଡିଜାଇନ୍‌ର ସିଲିଂ ଫ୍ୟାନ୍ ମିଳୁଛି। ଯାହା ଜୀବନକୁ ସହଜ କରିଦେଇଛି।

# ମୋବାଇଲରୁ ମିଳିବ ଚୁମ୍ବନର ଅନୁଭବ

ଯେବେ ଦୁଇ ପ୍ରେମୀଙ୍କୁ ସମୟ କିମ୍ବା ପରିସ୍ଥିତି ବାଧ୍ୟ କରେ ଦୂରରେ ରହିବାକୁ, ସେତେବେଳେ ମୋବାଇଲ ହିଁ ସାଜେ ଦୁହିଁଙ୍କ ମଧ୍ୟରେ ସମ୍ପର୍କର ସେତୁ। ଏହାଦ୍ୱାରା ଭାବର ଆଦାନପ୍ରଦାନ ସିନା ହୋଇପାରେ, ହେଲେ ପାଖରେ ରହିବାର ଅନୁଭବ ମିଳିପାରେନା। ତେବେ ଏବେ ଆସିଛି ଏମିତି ଏକ ଫୋନ୍ ଆସେସରି ଯାହାଦ୍ୱାରା ଦୂରରେ ଥିବା ମନର ମଣିଷକୁ ଚୁମ୍ବନର ଅନୁଭବ ପଠାଇ ହେବ। ଚାଇନା ବଜାରରେ ଏବେ ଏହାର ଚାହିଦା ବହୁତ ରହିଛି। ଲଙ୍ଗ୍ ଡିଷ୍ଟାନ୍ସ ରିଲେସନ୍‌ଶିପ୍‌ରେ ଥିବା କପଲ୍‌ଙ୍କୁ ଏହା ସତସତିକା ଚୁମ୍ବନର ଅନୁଭବ ପ୍ରଦାନ କରିବ। ଉକ୍ତ ରିମୋଟ୍ କିସ୍ ଆସେସରିରେ ପ୍ରେସର୍ ସେନ୍ସର, ଆକ୍ଟୁଏଟର୍ ଓ ସଫ୍ଟ ସିଲିକନ୍ ରହିଛି। ଯାହାଦ୍ୱାରା ଯେ କୌଣସି ସ୍ଥାନରେ ଥାଇ ବି ହଜାର ହଜାର କି.ମି. ଦୂରରେ ଥିବା ମଣିଷକୁ ଚୁମ୍ବନ ଦେଇ ହେବ। ଏହି ଡିଭାଇସ୍‌ଦ୍ୱାରା ଚୁମ୍ବନର ଉଷ୍ମତାକୁ ବି ଅନୁଭବ କରିହେବ। ରିମୋଟ୍ କିସ୍ ନାମକ ଏହି ଡିଭାଇସ୍‌ରେ ଓଠ ପରି ଡିଜାଇନ୍ କରାଯାଇଛି। ଯାହାକୁ ବିଭିନ୍ନ ସ୍ଥାନରେ ଥିବା ଦୁଇଜଣ ବ୍ୟକ୍ତି ଚୁମ୍ବନ ଦେଇ ପରସ୍ପରର ଚୁମ୍ବନର ଅନୁଭବକୁ ପାଇପାରିବେ। ଗ୍ଲୋବାଲ୍ ଟାଇମ୍‌ସର ଖବର ମୁତାବକ ଏହି ଡିଭାଇସ୍‌ର ଉଦ୍ଭାବକ ହେଉଛନ୍ତି ଜିଆଙ୍ଗ ଝୋଙ୍ଗଲି। ସେ ଚାଙ୍ଗଝୋଉ ଭୋକେଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେକାଟ୍ରୋନିକ ଟେକ୍ନୋଲୋଜିର ଛାତ୍ର। ଏହି ମୋବାଇଲ୍ ଆସେସରିଟିକୁ ସେ ୟୁନିଭର୍ସିଟି ପ୍ରୋଜେକ୍ଟରେ ତିଆରି କରିଥିଲେ। ୨୦୧୯ରେ ସେ ଏହାକୁ ପେଟେଣ୍ଟ କରାଇଥିଲେ।





## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଶ୍ରଦ୍ଧାଞ୍ଜଳି ବିଡ଼ମ୍ବନା

ଜଣେ ଥା'ନ୍ତି ପ୍ରସିଦ୍ଧ ସଂଗଠକ। ସେ ସଙ୍ଗଠକ ହିସାବରେ ଯେତିକି ଖ୍ୟାତ ଥିଲେ ତା'ଠାରୁ ଅଧିକ ଜଣେ ଶ୍ରଦ୍ଧାଞ୍ଜଳି ଲେଖକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ଜଣା ଅଜଣା ସେ ସମସ୍ତଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଲେଖୁଥିଲେ। ଏକ ବହୁଳ ପ୍ରସାରିତ ଖବରକାଗଜରେ ଏଥିପାଇଁ ତାଙ୍କର ଏକ ନିୟମିତ ସ୍ତମ୍ଭ ଥିଲା । ସେ ସଙ୍ଗଠକ ମହାଶୟ ଲେଖିଛନ୍ତି ମାନେ ଖବରକାଗଜରେ ପ୍ରକାଶିତ ହେବା ଥୟ । ତାଙ୍କର ବିଶେଷତ୍ୱ ଥିଲା ସେ ଜଣାଶୁଣା ଲୋକ ବ୍ୟତିରେକ କୌଣସି ଅଜଣା ଅପରିଚିତ ଲୋକଙ୍କ ପାଇଁ ଏପରି ଶୋକବାର୍ତ୍ତା ଲେଖୁଥିଲେ ଯେ ଖୋଦ୍ ଚିତ୍ରଗୁପ୍ତ ବି ଭାବୁଥିବେ ଆହା ମୁଖାଗ୍ନି ପୂର୍ବରୁ ଏ ମହାନ୍ ବ୍ୟକ୍ତିଙ୍କ ବିଷୟରେ ସୂଚନା ପାଇଥିଲେ ତାଙ୍କ ଜୀବନ ହୁଏତ ଫେରେଇ ଦେଇ ହୋଇଥାନ୍ତା। ଏପରି ଜଣେ ମହତ୍ ଆତ୍ମାଙ୍କର ସ୍ୱର୍ଗ ଅପେକ୍ଷା ମୃତ୍ୟୁଲୋକରେ ବେଶି ଆବଶ୍ୟକତା ଅଛି । ଯମରାଜା ଯେମିତିକା ନ୍ୟାୟବନ୍ତ ଲୋକ ନା କେବେ କ୍ଷମା କରିବେନି । ଚାକିରି ଯିବା ଭୟରେ ଚିତ୍ରଗୁପ୍ତ ନିଜ ଟିପାଖାତାକୁ ବାରବାର ଦେଖୁଥିଲେ କେଉଁଠି ଭୁଲ୍ ହେଇଯାଇନି ତ! ଥରେ କୌଣସି ଏକ କାମ ପାଇଁ ତାଙ୍କ ଘରକୁ ଯାଇ ଦେଖିଲି ଅନେକ ଲୋକ ତାଙ୍କୁ ଦେଖା କରିବା ପାଇଁ ଅପେକ୍ଷା କରିଛନ୍ତି। କଥା କଣ ବୁଝୁବୁଝୁ ଜାଣିଲି ଭିଡ଼ ଭିତରେ ଏପରି କିଛି ଜୀବିତ ଲୋକ ଅଛନ୍ତି, ଯେଉଁମାନେ ଆଗୁଆ ନିଜ ପାଇଁ ଶ୍ରଦ୍ଧାଞ୍ଜଳି ଲେଖେଇବା ପାଇଁ ଆସିଛନ୍ତି। ଏ କଥା ଯେତିକି ରୋଚକ ସେତିକି ମୋତେ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ନିଜ ପ୍ରିୟଜନଙ୍କ ଉପରେ ଭରସା ନ ଥିବା ଲୋକମାନେ ଜୀବିତ ଅବସ୍ଥାରେ ନିଜର ପ୍ରତିମୂର୍ତ୍ତି କିମ୍ବା କୌଣସି ଅନୁଷ୍ଠାନରେ ଲାଗିବା ପାଇଁ ତୈଳଚିତ୍ର ଆଗୁଆ ତିଆରି କରିଥାନ୍ତି । ଅତୀତରେ ସହରର ଏକ ନିର୍ଦ୍ଦିଷ୍ଟ ଜାଗାରେ ନିଜର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜଣେ ମହାନୁଭବ ଜୀବିତ ଅବସ୍ଥାରେ ନିଜର ପ୍ରଭାବ ବିସ୍ତାର କରି ସରକାରୀ କଳରେ ଏଥିପାଇଁ ଆବଶ୍ୟକୀୟ ଅନୁମତି ନେଇଥିଲେ। ଏହାସହ ନିର୍ଦ୍ଧାରିତ ଜାଗାରେ ମୂର୍ତ୍ତି ସ୍ଥାପନା ପାଇଁ ସୁଦୃଶ୍ୟ ଷ୍ଟାଣ୍ଡ ସହ ନିଜ ତତ୍ତ୍ୱାବଧାନରେ ନିଜ ପସନ୍ଦ ମୁତାବକ ଏକ ସୁନ୍ଦର ପ୍ରତିମୂର୍ତ୍ତି ତିଆରିକରି ରଖିଥିଲେ ; ଯାହା ତାଙ୍କ ମୃତ୍ୟୁ ପରେ ଏବେ ସେ ଜାଗାରେ ସଗର୍ବେ ଠିଆ ହୋଇଛି । ତେଣୁ ଜୀବିତ ଅବସ୍ଥାରେ ନିଜ ପାଇଁ ଶ୍ରଦ୍ଧାଞ୍ଜଳି ଲେଖେଇନେବାରେ କିଛି ନୂତନତ୍ୱ ନାହିଁ। ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଏହା ହେବା ଉଚିତ୍ । କାରଣ ମୃତ୍ୟୁଲୋକରୁ ସ୍ୱର୍ଗଲୋକର ରାସ୍ତା ୱାନ୍ ୱେ । ଥରେ ଗଲେ ଆଉ ଫେରିବା ସମ୍ଭବ ନୁହେଁ । ଦୈବାତ୍ ଯଦି ନିଜ ମୁତାବକ ଶ୍ରଦ୍ଧାଞ୍ଜଳି କିମ୍ବା ପ୍ରତିମୂର୍ତ୍ତି ନ ହୋଇପାରିଲା ତେବେ ସ୍ୱର୍ଗରେ ଥାଇ ଅସହାୟତାର ଜ୍ୱାଳାରେ ଜଳିବା ଅପେକ୍ଷା ଯଦି ସାମର୍ଥ୍ୟ ଅଛି ତେବେ ଜୀବିତ ଅବସ୍ଥାରେ ନିଜ ପସନ୍ଦ ଅନୁଯାୟୀ ସବୁ କାମ କରେଇଦେବା ଉଚିତ। କିଏ ଜାଣେ କାହାର କେତେବେଳେ ଡାକରା ଆସିଯିବ ! କଳିଯୁଗରେ ଅନ୍ୟ କାହା ଉପରେ ଭରସା କରି ମରିବା ବିଜ୍ଞତା ନୁହେଁ। ନିଜ କିଳା ନିଜକୁ ଅସମ୍ଭାଳ ଯୁଗରେ କାହାର ସମୟ ଅଛି ଅନ୍ୟ ପାଇଁ ଶ୍ରଦ୍ଧାଞ୍ଜଳି ଲେଖିବା, ପ୍ରତିମୂର୍ତ୍ତି ସ୍ଥାପନ, ତୈଳଚିତ୍ର ଉନ୍ମୋଚନ କରିବା ପ୍ରଭୃତି କାମ କରିବାକୁ! ଏମିତିରେ ଜନ୍ମହୋଇ ଧରାପୃଷ୍ଠ ଉପରେ କେଉଁ ଦୟା କରିଥିଲେ ଯେ ମଲାପରେ ପୃଥିବୀ ଶୋକ କରିବ ! ବରଂ ଅତ୍ୟଧିକ ଭାରାକ୍ରାନ୍ତ ଧରିତ୍ରୀ ଉପରୁ ଅଶି ନବେ କିଲୋ ଓଜନ କମିଲା ବୋଲି ଧରିନେବାକୁ ହେବ। ଥରେ ଭୁଲ୍‌ରେ ଜଣେ ଜୀବିତ ଲୋକର ଶ୍ରଦ୍ଧାଞ୍ଜଳି ଖବରକାଗଜରେ ବାହାରିଗଲା। ମନଦୁଃଖରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ମହାଶୟଙ୍କୁ ଆପତ୍ତି ଜଣେଇ କହିଲେ, ଆଜ୍ଞା! 'ମୋ ମଲାପରେ କାଳେ ପିଲାମାନେ ଶ୍ରଦ୍ଧାଞ୍ଜଳି ଲେଖିବେ କି ନାହିଁ ତେଣୁ ଆପଣଙ୍କ ପାଖରେ ଆଗୁଆ ଲେଖେଇ ନେଇଥିଲି ଅଥଚ ଆପଣ ତାକୁ ଏତେଶୀଘ୍ର ଛପେଇ ଦେଲେ?' ମହାଶୟ ଦୁଃଖ ପ୍ରକାଶ କରି କହିଲେ 'ପ୍ରତିଦିନ ଏତେ ଶ୍ରଦ୍ଧାଞ୍ଜଳି ଲେଖୁଛି ଯେ କେଉଁଟା କାହାର ଜାଣିହେଉନି। ଖବରକାଗଜର ଏ ସପ୍ତାହର ଶ୍ରଦ୍ଧାଞ୍ଜଳି ସ୍ତମ୍ଭ ପାଇଁ ଭୁଲ୍‌ରେ ତୁମ ପାଇଁ ଆଗୁଆ ଲେଖିଥିବା ଲେଖାଟି ଚାଲିଯାଇଛି। ହଉ ଆପଣ ବ୍ୟସ୍ତହୁଅନ୍ତୁ ନାହିଁ, ମୁଁ ଦେଖୁଛି। 'ପରଦିନ ଖବରକାଗଜରେ ତ୍ରୁଟି ସଂଶୋଧନ




ବାହାରିଲା– ଗତକାଲି ପ୍ରକାଶିତ ନାରଣ ଦାସଙ୍କ ଶ୍ରଦ୍ଧାଞ୍ଜଳିରେ କଟକ ଜାଗାରେ ଭୁବନେଶ୍ୱର ପଢ଼ିବାକୁ ଅନୁରୋଧ । ଆଗକୁ କଟକର ନାରଣ ଦାସଙ୍କ ବଦଳରେ ଭୁବନେଶ୍ୱରର ନାରଣ ଦାସ ସ୍ୱର୍ଗାରୋହଣ କଲେ ବୋଲି ବୁଝିବାକୁ ହେବ। ଯାହାହେଉ ମହାଶୟ ଚତୁରତାର ସହ କଟକର ନାରଣ ଦାସଙ୍କ ନାମ ପୂର୍ବରୁ ଭୁଲ୍‌ରେ ଲାଗିଯାଇଥିବା ସ୍ୱର୍ଗତକୁ ଭୁବନେଶ୍ୱରର ନାରଣ ଦାସଙ୍କ ପାଖକୁ ଟ୍ରାନ୍ସଫର କରି ଘଟଣାର ଆପୋଷ ସମାଧାନ କରିଦେଲେ । ଶ୍ରଦ୍ଧାଞ୍ଜଳି ଲେଖିବା ଗୋଟେ କଳା ମାନେ ଆର୍ଟ । ସମସ୍ତେ ଲେଖିପାରିବେ ନାହିଁ । ଏହା ସାହିତ୍ୟର ଏକ ବିଶେଷ ବିଭବ। ମୃତକଙ୍କ ପାଇଁ ଆପଣ କେତେ ଦୁଃଖିତ ସେଇଟା ମୁଖ୍ୟ ନୁହେଁ ବରଂ ଆପଣ ଆପଣଙ୍କ ଲେଖା ଦ୍ୱାରା କେତେ ଲୋକଙ୍କୁ ଦୁଃଖୀ କରେଇପାରୁଛନ୍ତି ସେଇଟା ମୁଖ୍ୟ। ଶ୍ରଦ୍ଧାଞ୍ଜଳି ଲେଖିବାର ଏହା ଏକ ବିଶେଷ ଶୈଳୀ। ସମକାଳୀନ ସାହିତ୍ୟରେ ଖୁବ୍ କମ୍ ସାହିତ୍ୟିକ ଅଛନ୍ତି, ଯେଉଁମାନେ ଏପରି ଶ୍ରଦ୍ଧାଞ୍ଜଳି ଲେଖିବାରେ ମହାରଥ ପ୍ରାପ୍ତ କରିଛନ୍ତି। କିଛି ଲୋକ ଜନ୍ମଦିନ ଶୁଭେଚ୍ଛା ଲେଖିବାରେ ଏପରି ପ୍ରସିଦ୍ଧି ପାଇଛନ୍ତି ଯେ ବର୍ଷେ ଆଗରୁ ଲୋକ ତାଙ୍କ ପାଖରେ ଦରଖାସ୍ତ ପକେଇଥାନ୍ତି। ଶୁଣାଯାଏ ସେ ଯାହା ପାଇଁ ଜନ୍ମଦିନ ଶୁଭେଚ୍ଛା ବାର୍ତ୍ତା ଲେଖନ୍ତି ସେ ଲୋକର ଆଗାମୀ ଦିନଗୁଡିକ ଖୁବ୍ ଐଶ୍ୱର୍ଯ୍ୟମୟ ହୋଇଯାଏ। ଲୋକ କୃତ୍ୟକୃତ୍ୟ ଅନୁଭବ କରନ୍ତି। ଏଯାଏଁ ଅନେକ ସାହିତ୍ୟିକଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କ ଶୈଳୀ ଓ ଲୋକପ୍ରିୟତାକୁ କେହି ଟପିପାରିନାହାନ୍ତି। ଜନ୍ମଦିନ ଶୁଭେଚ୍ଛା ତୁଳନାରେ ଶ୍ରଦ୍ଧାଞ୍ଜଳି ଲେଖିବା ଲୋକ କମ୍। ସାହିତ୍ୟର ଏ ବିଶେଷ ବିଭବରେ ଅଧିକ ସ୍କୋପ୍ ଅଛି । ନିଜ ଛଳ ଛଳ ଶବ୍ଦ ମାଧ୍ୟମରେ ପାଠକକୁ ଓଦା କରିପାରୁଥିବା ଅଥବା ଭିଜେଇ ପାରୁଥିବା ଭଳି ସୂକ୍ଷ୍ମକଳାର ଦକ୍ଷତା ରଖୁଥିବା ସାହିତ୍ୟିକମାନେ ଏ ଦିଗରେ ଧ୍ୟାନ ଦେଲେ ଖୁବ୍‌ଶୀଘ୍ର ପ୍ରସିଦ୍ଧି ପାଇବାର ଅଧିକ ସମ୍ଭାବନା ଅଛି। ଆମ ଗାଁରେ ଜଣେ ନେତା ଅଛନ୍ତି । ସେ ଯେଉଁ ଯୁବକକୁ ଦେଖିବେ ପଚାରିବେ ହଇରେ କ'ଣ ଖବର ? ପଢ଼ାପଢ଼ି ସରିଗଲାଣି? ଯଦି ଯୁବକ ଜଣଙ୍କ କହିବେ ହଁ, ପଢ଼ାସାରି ଏବେ ଚାକିରି କରୁଛି ତେବେ ନେତା କହିବେ ଆହା! ସମୟ ସବୁ କେତେଶୀଘ୍ର ଚାଲିଯାଉଛି । ତୁ ଛୋଟ ଥିଲାବେଳେ କେତେଥର ତୁମ ଘରକୁ ଯାଇଛି । ଆଉ ତୁମ ବାପା କେମିତି ଅଛନ୍ତି ? ଯଦି ଉତ୍ତର ମିଳିବ ଦୁଇ ବର୍ଷ ତଳେ ବାପାଙ୍କ ଦେହାନ୍ତ ହେଇଯାଇଛି ସେ ସଙ୍ଗେସଙ୍ଗେ ଆଶ୍ଚର୍ଯ୍ୟ ହେଲାଭଳି କହିବେ କେବେ? କେମିତି ? ଦୁଷ୍ଟ ପିଲାଟା କିରେ ! ଏତେବଡ଼ ଘଟଣା ଘଟିଗଲା ମୋତେ ଖବର ଦେଲୁନି? ତୋ ବାପାଙ୍କ ସହ ମୋର ବହୁଦିନର ପରିଚୟ। ମୋର ଭଲ ସାଙ୍ଗ ଥିଲେ । ମୋର ଅନେକ ସ୍ମୃତି ତାଙ୍କ ସହ ଜଡ଼ିତ ଅଛି। ସମସ୍ତେ ଜାଣନ୍ତି ଏଇଟା ତାଙ୍କର ଗୋଟେ ଷ୍ଟାଇଲ। ସେ କାହାକୁ ଜାଣନ୍ତି ନାହିଁ କି ଯାଙ୍କ ବାପା କେବେ ନେତାଙ୍କ ସାଙ୍ଗ ନ ଥିଲେ। ତଥାପି ଲୋକମାନେ ନେତାଙ୍କ ଏପରି କଥାକୁ ଭଲପାଆନ୍ତି । ଏପରି କଥାରେ କାଳେ ଅତ୍ମୀୟତା ଥାଏ । ପାଖ ଲୋକେ ହସିଦିଅନ୍ତି। ନେତା ପୁଣି ଆଗକୁ ଯାଇ ଆଉ କାହାସହ ପରିଚୟ ଯୋଡ଼ନ୍ତି। ଶ୍ରଦ୍ଧାଞ୍ଜଳି ଲେଖିବା ପାଇଁ ମଧ ଏମିତି କିଛି ବିଶେଷ ଗୁଣର ଆବଶ୍ୟକତା ଅଛି। ଚିହ୍ନି ନ ଥିଲେ ବି ଲେଖିବାକୁ ପଡ଼େ ଧର୍ମପରାୟଣ ବ୍ୟକ୍ତି ଥିଲେ, ତାଙ୍କ ବିୟୋଗରେ ଦେଶର ଅପୂରଣୀୟ କ୍ଷତି ଘଟିଲା, ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଗଲା ଭଳି ଅତିଶୟ ଭାବସ୍ପର୍ଶୀ ବାକ୍ୟ। ପ୍ରାୟତଃ ସବୁ ଶ୍ରଦ୍ଧାଞ୍ଜଳିର ଫର୍ମାଟ୍ ଏକା । ହେତୁବାଦୀକୁ ଧର୍ମପରାୟଣ ବ୍ୟକ୍ତି ଓ ଖଣ୍ଟର ମୃତ୍ୟରେ ଦେଶର ଅପୂରଣୀୟ କ୍ଷତି ଲେଖିଲେ ବି କାହାର ଆପତ୍ତି ନ ଥାଏ। ମୃତ ବ୍ୟକ୍ତିକୁ ସମ୍ମାନ ଦେବା ଆମ ସଂସ୍କାରର କଥା। ମିଛ ହେଉ ପଛେ କିଛି ଭଲ କଥା ଲେଖାଯାଉ । କାରଣ ମୃତ ବ୍ୟକ୍ତି ପୁଣି ଫେରି ନିଜ ବିଷୟରେ ସଫେଇ ଦେଇପାରିବନି । ଏଇ ଗତକାଲି ସେଇ ବିଶିଷ୍ଟ ଶ୍ରଦ୍ଧାଞ୍ଜଳି ଲେଖକ ମହାଶୟଙ୍କ ସହ ଭେଟ ହେଲା । ମନଦୁଃଖରେ କହିଲେ, ସେ ଏବେ ଶ୍ରଦ୍ଧାଞ୍ଜଳି ଲେଖିବା ଛାଡ଼ିଦେଇଛନ୍ତି। କାରଣ କ'ଣ ପଚାରିଲାରୁ ଯାହା ଶୁଣିଲି ସେଥିରେ ମୋ ମୁଣ୍ଡ ଟିଣ। ଜଣେ ବିଶିଷ୍ଟ ଗାନ୍ଧିବାଦୀ ଲୋକଙ୍କ ମୃତ୍ୟୁରେ ମହାଶୟ ଜଣଙ୍କ ଏକ ଶ୍ରଦ୍ଧାଞ୍ଜଳି ଲେଖିଥାନ୍ତି। କିଛିଦିନ ପରେ ଜାଣିବାକୁ ପାଇଲେ ଉକ୍ତ ଗାନ୍ଧିବାଦୀ ବ୍ୟକ୍ତିଙ୍କ ସମ୍ମାନରେ ଏକ ସ୍ମରଣିକା ପ୍ରକାଶ ପାଇଛି ଓ ସେଥିରେ ତାଙ୍କ ଲିଖିତ ଶ୍ରଦ୍ଧାଞ୍ଜଳିକୁ ଅନ୍ୟ ଜଣେ ନିଜ ନାଁରେ ଛପେଇ ଦେଇଛି । ଗପ ଚୋରି ଶୁଣିଥିଲି କବିତା ଚୋରି ଶୁଣିଥିଲି ହେଲେ ଶେଷକୁ ଶ୍ରଦ୍ଧାଞ୍ଜଳି ବି ଚୋରି ହେଲାଣି। କି କଳିଯୁଗ ହେଲା ଆଜ୍ଞା। ଜୀବନବ୍ୟାପୀ ସତ୍ୟପଥରେ ଚାଲୁଥିବା ଗାନ୍ଧିବାଦୀଙ୍କ ସ୍ମରଣିକାରେ ପୁଣି ଚୋରି ଶ୍ରଦ୍ଧାଞ୍ଜଳି।

– ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଡାଏରୀ ଗପ

**ଲେଖକ:ପ୍ରଦୀପ କୁମାର ରାୟ, ପ୍ରକାଶକ: ଆଦିତ୍ୟ ଭାରତ, ମୂଲ୍ୟ: ୧୫୦ ଟଙ୍କା**

ଓଡ଼ିଆ ସାହିତ୍ୟର ଜଣେ ପ୍ରସିଦ୍ଧ ଅନୁବାଦକ ଭାବରେ ସୁବିଖ୍ୟାତ ପ୍ରଦୀପ କୁମାର ରାୟଙ୍କ ପ୍ରଥମ ଗଳ୍ପ ସଂକଳନ 'ଡାଏରୀ ଗପ' । ଜୀବନରେ ଭୋଗିଥିବା ଦୁଃଖ, ସୁଖ, ଶୋକ,ସନ୍ତାପ, ହସ, କାନ୍ଦ ଭଳି ମାନସିକ ଅବସ୍ଥାକୁ ବେଶ ମୌଳିକ ଢଙ୍ଗରେ ଚିତ୍ରିତ କରିଛନ୍ତି ଗାଳ୍ପିକ ସଙ୍କଳନରେ ସନ୍ନିବିଷ୍ଟ ବାରଟି କ୍ଷୁଦ୍ର ଗଳ୍ପରେ । ଜୀବନର ତିକ୍ତ ମଧୁର ଅନୁଭୂତିକୁ ନେଇ ସମୃଦ୍ଧ ହୋଇଛି ଆଦିତ୍ୟ ଭାରତ ଦ୍ୱାରା ପ୍ରକାଶିତ ଏହି ଗଳ୍ପ ସଂକଳନ । ସ୍ୱୟଂ ଗାଳ୍ପିକ ନିଜ ନିର୍ଦ୍ଦେଶରେ ଚରିତ୍ରମାନଙ୍କୁ ପରିଚାଳିତ ନକରି ସେମାନଙ୍କୁ ନିଜ ନିଜ ବାଟରେ ପ୍ରସ୍ଫୁଟିତ ହେବାକୁ ପୃଷ୍ଠଭୂମି ପ୍ରସ୍ତୁତ କରିଛନ୍ତି । ଗଭୀର ଅନ୍ତର୍ଦୃଷ୍ଟି ସମ୍ବଳିତ ତାଙ୍କ କାହାଣୀଗୁଡିକ ଜୀବନର ଅତଳର ସନ୍ଦେଶ ଦିଏ। ଅନୁଭବର ଉଷ୍ମତାରେ କାହାଣୀଗୁଡିକ ହୃଦୟସ୍ପର୍ଶୀ ହୋଇପାରିଛି। ଲିଖନ ଶୈଳୀର ପ୍ରବହମାନତା ସବୁ ବର୍ଗର ପାଠକଙ୍କୁ ଆକର୍ଷିତ କରିବ । ୧୫୦ ଟଙ୍କା ମୂଲ୍ୟ ଥିବା ଏହି ବହିଟିର ପ୍ରଚ୍ଛଦ ଓ ପରିପାଟୀ ଆକର୍ଷଣୀୟ ।




### ନେପଥ୍ୟ ନିର୍ଦ୍ଦେଶ

**ଲେଖକ:ଶ୍ରୀମାନ୍ ସର୍ବଗିଳା ଓରଫ୍ ରତ୍ନାକର ବେହେରା, ପ୍ରକାଶକ: ଅଭିମାନ, ମୂଲ୍ୟ:୨୪୫ ଟଙ୍କା**

ଅଭିମାନ ଦ୍ୱାରା ପ୍ରକାଶିତ ''ନେପଥ୍ୟ ନିର୍ଦ୍ଦେଶ'' ବ୍ୟଙ୍ଗକବି ଶ୍ରୀମାନ୍ ସର୍ବଗିଳା ଓରଫ୍ ରତ୍ନାକର ବେହେରାଙ୍କ ମର୍ମଦାହୀ ଆତ୍ମଜୀବନୀ। ଅଭାବ, ଅସୁବିଧା ଭିତରେ ନିଜ ଅସ୍ତିତ୍ୱ ପ୍ରତିଷ୍ଠା ପାଇଁ ସଂଘର୍ଷ ଏ ବହିର ମୂଳକଥା। ଯାବତୀୟ ବ୍ୟଥା ଓ ବେଦନା ସତ୍ତ୍ୱେ ଏ ଜୀବନରେ ଯେ ସୁଆଦ ଅଛି ଏକଥା ସେ ନିଜ ଜୀବନ ବର୍ଣ୍ଣନା କରିବା ଛଳରେ ସୂଚାଇଛନ୍ତି। ଏ ବହିରେ ଝଲସୁଛି ପ୍ରତିକୂଳ ପରିସ୍ଥିତିରେ ମଣିଷର ଲଢେଇ କରି ବଂଚିବା ଓ ସର୍ଜନକୁ ବଞ୍ଚାଇବାର ବିରଳ ସାମର୍ଥ୍ୟ। ବ୍ୟକ୍ତି ଜୀବନର ନୈରାଶ୍ୟରୁ ଉଠି ସାର୍ବଜନୀନ ଜୀବନରେ ହସ ଫୁଟାଇବାର ଏ ବିଶେଷତ୍ୱ କ୍ୱଚିତ ଦେଖିବାକୁ ମିଳେ। କେଉଁ ଅଦୃଷ୍ଟର ନିର୍ଦ୍ଦେଶରେ ଜୀବନ ଛଟପଟ ହେଉଛି ସେ ପ୍ରଶ୍ନ ମଧ ତାଙ୍କ ଭିତରେ ରହିଛି। ତେବେ ଦୁଃଖ ଭିତରେ ଯେ ଜୀବନର ଉତ୍ସବ ପାଳନ କରିହୁଏ ଏହି ବହିରୁ ସେ ପ୍ରେରଣା ମିଳେ। ବର୍ଣ୍ଣନାଶୈଳୀ ଦିଗରୁ ବହିଟି ବେଶ୍ ସାବଲୀଳ ଓ ରୋଚକ, ଯାହା ଯେକୌଣସି ବର୍ଗର ପାଠକଙ୍କ ମନକୁ ଆଲୋଡ଼ିତ କରିବ।



ବ୍ୟାକ୍ ପେଜ୍



# ରାମ କନ୍ଦମୂଳ

ଡ୍ରମ୍ ପରି ଦେଖାଯାଉଥିବା ଏହି ଜିନିଷଟି ପ୍ରକୃତରେ ଏକ ଖାଦ୍ୟ, ଯାହାର ନାଁ ରାମ କନ୍ଦମୂଳ। ସାଧାରଣତଃ କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ମହାରାଷ୍ଟ୍ରରେ ଏହା ମିଳେ। ଗୋଟିଏ ଗୋଟିଏ ରାମ କନ୍ଦମୂଳର ଓଜନ ୩୦୦ କେଜିରୁ ଊର୍ଦ୍ଧ୍ୱ ହୋଇଥାଏ। ରାସ୍ତାକଡ଼ରେ ବିକ୍ରି ହେଉଥିବା ରାମ କନ୍ଦମୂଳକୁ କାଗଜ ପରି ପତଳା ପତଳା କରି କାଟି ଗ୍ରାହକଙ୍କୁ କଞ୍ଚା ଖାଇବା ପାଇଁ ଦିଆଯାଏ। ସେଥିରେ ଲଙ୍କା, ଲୁଣ, ଚିନି, ଲେମ୍ବୁ ମିଶାଇ ବି ଖିଆଯାଏ। ଖରାଦିନେ ମିଳୁଥିବା ଏହି କନ୍ଦମୂଳ ପେଟ ଥଣ୍ଡା କରିବା ସହ ଭୋକ ଶୋଷ ମେଣ୍ଟାଏ। ଏଥିରେ ଔଷଧୀୟ ଗୁଣ ବି ଭରିରହିଛି। ତେବେ ଅନେକ ସମୟ ପର୍ଯ୍ୟନ୍ତ ଏହା ବୈଜ୍ଞାନିକଙ୍କ ପାଇଁ ଏକ ରହସ୍ୟ ହୋଇଥିଲା। କାରଣ ସେମାନେ ଜାଣିପାରୁ ନ ଥିଲେ ଏହା କେଉଁ ଗଛର ଅଂଶ। ଏହାକୁ ବିକ୍ରି କରୁଥିବା ବ୍ୟକ୍ତି ମଧ୍ୟ ଏହାର ସଠିକ୍ ତଥ୍ୟ କାହାକୁ ଜଣାନ୍ତି ନାହିଁ। ତେଣୁ ଏହା ଏବେ ବି ସ୍ପଷ୍ଟ ନୁହେଁ ଯେ, ଏହା ମାଟି ତଳେ ହୁଏ ଅବା ମାଟି ଉପରେ। ତେବେ କୁହାଯାଏ ବନବାସ ସମୟରେ ଭଗବାନ ରାମଚନ୍ଦ୍ର, ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ ଏହାକୁ ଖାଇ ଜୀବନଧାରଣ କରିଥିଲେ।



# ଗ୍ଲାମରସ୍ ମେକାନିକ୍



ଗ୍ୟାରେଜ୍‌ରେ ପୁରୁଷମାନଙ୍କୁ କଠିନ ପରିଶ୍ରମ କରି ବଡ଼ ବଡ଼ ଗାଡି ଠିକ୍ କରୁଥିବା ଦେଖିଥିବେ। ଶାରୀରିକ ପରିଶ୍ରମ ରହୁଥିବା ଏହି କାର୍ଯ୍ୟକୁ ସାଧାରଣତଃ ପୁରୁଷପ୍ରଧାନ କାମ ଭାବେ ଗଣନା କରାଯାଏ। ଏମିତି ବହୁତ କମ୍ ମହିଳା ଅଛନ୍ତି ଯେଉଁମାନେ ଏହି କାମକୁ ଆପଣାନ୍ତି। ସେମାନଙ୍କ ଭିତରେ ଜଣେ ହେଉଛନ୍ତି କାଲିଫର୍ନିଆର ପେଟୋନ୍ ସିସ୍କୋନି। ଆଉ ସେ ଯେତେବେଳେ ଗ୍ୟାରେଜରେ କାମ କରନ୍ତି ସମସ୍ତଙ୍କ ଦୃଷ୍ଟି ତାଙ୍କରି ଆଡକୁ ଆପେ ଟାଣି ହୋଇଯାଏ। କାରଣ ସେ ଯେମିତି ସୁନ୍ଦରୀ ସେମିତି ଷ୍ଟାଇଲିଶ୍। କୌଣସି ମଡେଲଠୁ ସେ କମ୍ ନୁହନ୍ତି। ଗ୍ଲାମରସ୍ ପୋଷାକ, ବାଇଗଣୀ କେଶ, ସୁନ୍ଦର ମେକ୍ଅପ୍ ସାଙ୍ଗକୁ ହାଇ ହିଲ୍ ପିନ୍ଧି ସେ ଗ୍ୟାରେଜ୍‌ରେ କାମ କରନ୍ତି। ସେ ନିଜ କାମରେ ବି ବେଶ୍ ଧୁରନ୍ଧର। ବଡ ବଡ଼ ଗାଡିର ପାର୍ଟ ଅଲଗା କରି ସଜାଡିବା କାମ ସେ ବେଶ୍ ସହଜରେ କରିପାରନ୍ତି। ଆଉ କାମ କରିବାବେଳର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର ବି କରନ୍ତି। ଏବେ ସେ ସୋସିଆଲ ମିଡିଆରେ ଗ୍ଲାମରସ୍ ମେକାନିକ ଭାବେ ପରିଚିତ। ଏଭଳି ପୁରୁଷ ପ୍ରାଧାନ୍ୟ କାମ କରିବାର ପ୍ରେରଣା ସେ ନିଜ ମା'ଙ୍କଠୁ ପାଇଥିଲେ। ତାଙ୍କ ମା' କନ୍‌ଷ୍ଟ୍ରକ୍ସନଠୁ ଆରମ୍ଭ କରି ବାରଟେଣ୍ଡିଂ ଓ ନୌକାଚାଳନା ଆଦି କରୁଥିଲେ। ପେଟୋନ୍ ୧୪ ଲକ୍ଷ ଟଙ୍କା ନିବେଶ କରି ନିଜର ଏହି ମେକାନିକ୍ ବ୍ୟବସାୟ ଆରମ୍ଭ କରିଛନ୍ତି।





# ଘରକୁ କଲେ ଆକ୍ୱାରିୟମ

ଇସ୍ରାଏଲ୍‌ର ଏଲି ନାମକ ଜଣେ ବ୍ୟକ୍ତି ତିଆରି କରିଛନ୍ତି ପୃଥିବୀର ସବୁଠାରୁ ବଡ଼ ହୋମ ରିଫ୍ ଆକ୍ୱାରିୟମ୍। ନିଜ ଲିଭିଂ ରୁମ୍‌ରେ ସେ ଏହି ଆକ୍ୱାରିୟମ୍‌ଟିକୁ ତିଆରି କରିଛନ୍ତି। ଏହା ଏତେ ବଡ଼ ଯେ, ଏଲି ନିଜେ ତା' ଭିତରେ ପଶି ମାଛଙ୍କ ସହ ପହଁରିପାରିବେ। ୨୦୧୨ରେ ସେ ଏହି ହୋମ ରିଫ୍ ଆକ୍ୱାରିୟମଟିକୁ ତିଆରି କରିଥିଲେ। ଏଥିରେ ୩୦,୦୦୦ ଲିଟର ପାଣି ଧରିଥାଏ। ଆକ୍ୱାରିୟମ୍‌ର ଫିଲ୍ଟର ସିଷ୍ଟମ୍ ସମ୍ପକୁ ମିଶାଇଲେ ଏଥିରେ ୩୭୦୦୦ ଲିଟର ପାଣି ରହେ। ସେ ଏହି ଆକ୍ୱାରିୟମ୍ ଉପରେ ସୂର୍ଯ୍ୟକିରଣ ପଡିବାର ବ୍ୟବସ୍ଥା ବି କରିଛନ୍ତି। ଯେମିତିକି ସାମୁଦ୍ରିକ ଜୀବଗୁଡିକ ଭଲଭାବେ ବଢିପାରିବେ।